## ୪୨ ଜଣଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ

କେନ୍ଦୁଝର,(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝରେ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ବିଭିନ୍ନ ରାସ୍ତାରେ ଚଢ଼ାଉ କରାଯାଇଛି। ତିନି ଦିନରେ ୩୦୨ ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଚାଲାଣ କଟା ଯାଇ ୪୨ ଜଣଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ ହୋଇଛି। ୧୦୮ କ୍ଷିପ୍ର ଗତିରେ ଗାଡ଼ି ଚାଳନା, ୧୪ ମଦ୍ୟପାନ, ୬୯ ବିନା ହେଲମେଟ, ୧୦ ନାବାଳକ ଗାଡ଼ି ଚାଳନା, ୫ ଓଭର ଲୋଡ୍ ଓ ୫ ଜଣ ମୋବାଇଲ ଧରି ଗାଡ଼ି ଚାଳନା ପାଇଁ ହୋଇଛି।

# ୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ମିଳିଛି ଜାଲ୍ ପ୍ରମାଣପତ୍ର

■ବିନା ପଞ୍ଜୀକରଣରେ ଚାଲିଛି ଡିପିଏମ୍ଆଇ
■ସଂସ୍ଥାର ନିର୍ଦ୍ଦେଶିକା ଅଟକ

ବାଲେଶ୍ୱର, ୨୨।୭(ମାନସ ବିଶ୍ୱାଳ)

କେନ୍ଦ୍ର ସରକାରଙ୍କ ସ୍କିଲ ଡେଭେଲପ୍‌ମେଣ୍ଟ ଯୋଜନା ଆଳରେ ବିନା ପଞ୍ଜିକରଣରେ ବାଲେଶ୍ୱର ସଦର ଥାନା ଅଧୀନ କୁରୁଡ଼ାଠାରେ ୩ ବର୍ଷ ଧରି ଦିଲ୍ଲୀ ପାରାମେଡ଼ିକାଲ ଆଣ୍ଡ୍ ମ୍ୟାନେଜମେଣ୍ଟ ଇନ୍‌ଷ୍ଟିଚ୍ୟୁଟ (ଡିପିଏମ୍ଆଇ) ନାମରେ ଏକ ଅନୁଷ୍ଠାନ ୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ଜାଲ୍ ପ୍ରମାଣପତ୍ର ଦେଇ ଠକେଇ କରିଥିବା ଅଭିଯୋଗ ହୋଇଛି। ପ୍ରମାଣପତ୍ର ଦେଖାଇ ଛାତ୍ରୀଛାତ୍ରମାନେ ଚାକିରି ନ ପାଇବାରୁ ଅଭିଭାବକଙ୍କୁ ଧରି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏଥିସହ ଟଙ୍କା ଫେରାଇବା ଦାବିରେ ଛାତ୍ରୀଛାତ୍ରମାନେ ଥାନା ଆଗରେ ଧାରଣା ଦେଇଥିଲେ। ପୋଲିସ ସଂସ୍ଥାର ନିର୍ଦ୍ଦେଶିକା ଏବଂ ପରିଚାଳନା କରୁଥିବା ତାଙ୍କ ସ୍ୱାମୀଙ୍କୁ ଡାକି ପଚରାଉଚରା କରିବା ସହ ତଦନ୍ତ ଜାରି ରଖିଛି। ଅଳ୍ପ ଦିନ ମଧ୍ୟରେ ସଂସ୍ଥାର ସମସ୍ତ ଅନୁବନ୍ଧିତ କାଗଜପତ୍ର ଆଣି ଦେଖାଇବା ପାଇଁ ସର୍ତ୍ତମୂଳକ ଭାବେ ଛାଡ଼ିଥିବା ଥାନା ପକ୍ଷରୁ ସୂଚନା ମିଳିଛି।



ସଦର ଥାନା ସମ୍ମୁଖରେ ଛାତ୍ରୀଛାତ୍ର ଓ ଅଭିଭାବକ।

୨୦୧୯ ଜୁଲାଇରେ ଖୋଲିଥିବା ଡିପିଏମ୍ଆଇର ଏହି ଫ୍ରାଞ୍ଚାଇଜରେ ପ୍ରଥମ ବ୍ୟାଚ୍‌ରେ ୨୩ ଜଣ ଏବଂ ଗତ ୨୦୨୧ ଦ୍ୱିତୀୟ ବ୍ୟାଚ୍‌ରେ ୨୭ ଜଣ ଛାତ୍ରୀଛାତ୍ର ନାମ ଲେଖାଇଥିଲେ। ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କଠାରୁ କୋର୍ସ ଫି ଓ ହଷ୍ଟେଲ ବାବଦକୁ ୧ଲକ୍ଷ ୫୦ହଜାର ଟଙ୍କା ନିଆଯାଇଥିଲା। କୋର୍ସ ସରିବା ପରେ ସମସ୍ତ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ମଧ୍ୟ ଦିଆଯାଇଥିଲା। ଏହା ପରେ ଚାକିରି ଅନ୍ୱେଷଣରେ ପାସ୍ କରିଥିବା ଛାତ୍ରୀଛାତ୍ରମାନେ ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥାରେ ଇଣ୍ଟରଭ୍ୟୁ ପାଇଁ ଆବେଦନ କରିଥିଲେ। ମାତ୍ର ପରବର୍ତ୍ତୀ ସମୟରେ ସେମାନଙ୍କର ପ୍ରମାଣପତ୍ରରେ ଓଡ଼ିଶା ସରକାରଙ୍କର ପଞ୍ଜିକରଣ ନମ୍ବର ନ ଥିବାରୁ ତାହାକୁ ଗ୍ରହଣ କରାଯାଉ ନ ଥିବା ଛାତ୍ରୀଛାତ୍ରମାନେ ଜାଣିବାକୁ ପାଇଥିଲେ। ଏନେଇ ଶିକ୍ଷାନୁଷ୍ଠାନର କର୍ତ୍ତୃପକ୍ଷଙ୍କ ଦ୍ୱାରା ଠକାମିର ଶୀକାର ହୋଇଥିବା ଛାତ୍ରୀଛାତ୍ର ଓ ସେମାନଙ୍କର ଅଭିଭାବକ ଅଭିଯୋଗ କରିବା ସହ ଶନିବାର ସଦର ଥାନାର ଦ୍ୱାରସ୍ଥ ହୋଇଛନ୍ତି।

ଏ ସମ୍ପର୍କରେ ପରିଚାଳିକାଙ୍କ ସ୍ୱାମୀ ବୁଦ୍ଧିରାମ ରାଉଳ କହିଛନ୍ତି, ସ୍କିଲ ଇଣ୍ଡିଆର ଦାୟିତ୍ୱରେ ଥିବା କେନ୍ଦ୍ରମନ୍ତ୍ରୀଙ୍କୁ ଅବଗତ କରାଯାଇ ପଞ୍ଜିକୃତ ପାଇଁ ଆବେଦନ କରାଯାଇଥିଲା। କେନ୍ଦ୍ରମନ୍ତ୍ରୀ ଏହାର ତଦନ୍ତ କରି ଉକ୍ତ ସାର୍ଟିଫିକେଟ୍ ଠିକ୍ ଥିବା ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ମିଳିଥିବା ସାର୍ଟିଫିକେଟ୍ ଅବୈଧ ନୁହେଁ। ଏହି ସାର୍ଟିଫିକେଟ୍ ଅନୁସାରେ ପିଲାମାନେ କେନ୍ଦ୍ର ସରକାରଙ୍କ ସଂସ୍ଥାରେ ଚାକିରି କରିପାରିବେ। ବିଭିନ୍ନ ସ୍ଥାନରେ ବହୁ ଛାତ୍ରୀଛାତ୍ର ଚାକିରି କରୁଛନ୍ତି। କିନ୍ତୁ ଓଡ଼ିଶା ସରକାରଙ୍କ ଅଧୀନରେ ଚାକିରି କରିବାକୁ ହେଲେ ପଞ୍ଜିକରଣ କରିବାକୁ ପଡୁଛି। ଯାହାକି ଓଡ଼ିଶା ସରକାର ଅଦ୍ୟାବଧି ଦେଇନାହାନ୍ତି ଓ ଏନେଇ ହାଇକୋର୍ଟରେ ମାମଲା ବିଚାରଧୀନ ଥିବା କହିଥିଲେ।

## ସଂକ୍ଷେପରେ

### ସ୍କର୍ପିଓ ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ ଗାଡ଼ି ଜାଳିଦେଲେ ଲୋକେ

ଉଦଳା,୨୨।୭(ସନ୍ତୋଷ କୁମାର ବାଛିନୀ)-ମୟୂରଭଞ୍ଜ ଜିଲା ଉଦଳା ଥାନା ଅଧୀନ ରାଢ଼ୋ ଗ୍ରାମରେ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ରବୀନ୍ଦ୍ର ପାତ୍ର ( ୬୦)। ଦୁର୍ଘଟଣା ସ୍ଥଳରେ ଉତ୍ତେଜନା ଦେଖାଯାଇଥିବା ବେଳେ ଉତ୍ତ୍ୟକ୍ତ ଲୋକେ ଦୁର୍ଘଟଣା ଘଟାଇଥିବା ସ୍କର୍ପିଓ ଜାଳିଦେଇଛନ୍ତି। ରବୀନ୍ଦ୍ର ଶନିବାର ସନ୍ଧ୍ୟାରେ ଘର ସମ୍ମୁଖରେ ଚାରାରୋପଣ କରୁଥିଲେ। ସେହି ସମୟରେ ଘର ସମ୍ମୁଖ ରାସ୍ତାରେ ଯାଉଥିବା ସ୍କର୍ପିଓ (ଓଡି ୦୫ ଏଲ ୮୬୦୦) ତାଙ୍କୁ ଧକ୍କା ଦେଇଥିଲା। ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ଲୋକେ ଉତ୍ତ୍ୟକ୍ତ ହୋଇ ଗାଡିରେ ନିଆଁ ଲଗାଇଦେଇଥିଲେ। ଉଦଳା ପୋଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଉଦଳା ଡାକ୍ତରଖାନା ପଠାଇଥିଲା। ସ୍କର୍ପିଓ ଡ୍ରାଇଭର ଘଟଣା ସ୍ଥଳରୁ ଫେରାର ହୋଇଯାଇଛନ୍ତି। ଉଦଳା ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁ ଲିଭାଇଥିଲେ। ଘଟଣା ସ୍ଥଳରେ ଉତ୍ତେଜନା ଲାଗି ରହିଥିବାରୁ ପୋଲିସ ଫୋର୍ସ ମୃତୟନ ଥିବା ଉଦଳା ଆଇଆଇସି ନିରୋଜ କୁମାର ସାମଲ ସୂଚନା ଦେଇଛନ୍ତି।

### ନାବାଳିକା ଅପହରଣ ମାମଲାରେ ୨ ଗିରଫ

ବୈଶିଙ୍ଗା,୨୨।୭(ରତନ ଦାଶ): ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅନ୍ତର୍ଗତ ଦୁଇ ପୃଥକ ନାବାଳିକା ଅପହରଣ ମାମଲାରେ ଦୁଇ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ବେତନଟୀ ବ୍ଲକ୍ ଅଞ୍ଚଳର ନାବାଳିକା କୁଳିଅଣା ଥାନା ଅନ୍ତର୍ଗତ ମାମୁଁ ଘରକୁ ବୁଲିବାକୁ ଯାଇଥିବା ସମୟରେ ମନୋଜ ପରିଡ଼ା ଉଠାଇ ନେଇ ପଶ୍ଚିମବଙ୍ଗର ଗୋପିବଲ୍ଲଭପୁରଠାରେ ରଖିଥିଲେ। ପୀଡ଼ିତାଙ୍କ ପରିବାର ବୈଶିଙ୍ଗା ଥାନାରେ ଅଭିଯୋଗ କରିଥିଲେ। କେସ (ନଂ. ୨୮୦/୨୩) ରୁଜୁ କରାଯାଇ ତଦନ୍ତ କରାଯାଇଥିଲା। ଶୁକ୍ରବାର ପୋଲିସ ଟିମ ମନୋଜଙ୍କ ଜନୈକ ସମ୍ପର୍କୀୟଙ୍କ ଘରେ ଚଢ଼ାଉ କରି ଗିରଫ କରିଥିଲେ। ନାବାଳିକାଙ୍କୁ ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଡ଼ାକ୍ତରୀ ପରୀକ୍ଷା ପରେ ଶନିବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନାଧିକାରୀ ପ୍ରଭାଂଶୁ ଶେଖର ମିଶ୍ର କହିଛନ୍ତି। ସେହିପରି ୨୦୨୨ ଫେବୃୟାରୀରେ ଏହି ଥାନା ଅଞ୍ଚଳରେ ଜନୈକା ନାବାଳିକାଙ୍କୁ ବିବାହର ପ୍ରଲୋଭନ ଦେଖାଇ ଭାଗବତ ମୁର୍ମୁ ନାମକ ଯୁବକ ଉଠାଇନେଇ କଟକରେ ଦୀର୍ଘ ଦିନ ହେବ ରହିଆସୁଥିଲେ। ତେବେ ନାବାଳିକାଙ୍କ ପରିବାର ଲୋକଙ୍କ ଅଭିଯୋଗ କ୍ରମେ ପୋଲିସ ମାମଲା(ନଂ ୯୩ /୨୨)ରେ ରୁଜୁ କରି ତଦନ୍ତ କରୁଥିଲା। ଅଭିଯୁକ୍ତ ଘରକୁ ଆସିଥିବା ଖବର ପାଇ ପୋଲିସ ବିଳମ୍ବିତ ରାତିରେ ଚଢ଼ାଉ କରି ଗିରଫ କରିଛି। ଉଭୟଙ୍କ ଡାକ୍ତରୀ ମାଇନା କରାଯାଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ସୂଚନା ମିଳିଛି।

# ଭିଜିଲାନ୍ସ ଜାଲରେ ବନ୍ତ ଥାନା ଏଏସ୍ଆଇ

## ମାମଲା ରଫାଦଫା ପାଇଁ ୧୦ ହଜାର ଲାଞ୍ଚ ନେଉଥିଲେ


ଭିଜିଲାନ୍ସ ଟିମ୍ ଏଏସ୍ଆଇ ମାନସ କୁମାର ପରିଡ଼ାଙ୍କୁ ଗିରଫ କରି ନେଉଛି।

ବନ୍ତ, ୨୨।୭
(ହରିନାରାୟଣ ମହାନ୍ତି)

ଭଦ୍ରକ ଜିଲା ବନ୍ତ ଥାନା ଏଏସ୍ଆଇ ମାନସ କୁମାର ପରିଡ଼ା ଶନିବାର ସନ୍ଧ୍ୟାରେ ଏକ ଜମିବାଡ଼ି ମାମଲାରେ ଜଣେ ବ୍ୟକ୍ତିଙ୍କଠାରୁ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ି ଗିରଫ ହୋଇଛନ୍ତି। ସୂଚନା ଅନୁଯାୟୀ, ଏକ ଜମିବାଡ଼ି ମାମଲାର ରଫାଦଫା ପାଇଁ ଏଏସ୍ଆଇ ପରିଡ଼ା ବନ୍ତ ଥାନା ଅଧୀନ ଟିଲୋ ମାଳିସାହିର କୈଳାସ ନାଥଙ୍କଠାରୁ ୧୦ ହଜାର ଟଙ୍କା ଦାବି କରିଥିଲେ। ଏନେଇ କୈଳାସ ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ଏଏସ୍ଆଇ କୈଳାସଙ୍କୁ ବନ୍ତ ଥାନା ଛକରେ ଥିବା ଏକ ଜେରକ୍ସ ଦୋକାନରେ ଟଙ୍କା ଦେବା ପାଇଁ ଫୋନ୍ ମାଧ୍ୟମରେ ଜଣାଇଥିଲେ। ସେହି ଅନୁସାରେ ସେ ଜେରକ୍ସ ଦୋକାନରେ ଟଙ୍କା ଦେଇସାରିବା ପରେ ଏଏସ୍ଆଇଙ୍କୁ ଫୋନ୍‌ରେ ଜଣାଇବା ସହ ଥାନାକୁ ଆସି ଅବଗତ କରାଇଥିଲେ। ପୂର୍ବରୁ ନଜର ରଖିଥିବା ୧୧ ଜଣିଆ ଟିମ୍ ଯାଇ ଉକ୍ତ ଜେରକ୍ସ ଦୋକାନରେ ପହଞ୍ଚି ଟଙ୍କା ଜବତ କରିବା ସହ ଏଏସ୍ଆଇଙ୍କୁ ବନ୍ତ ଥାନାକୁ ନେଇ ବିଭିନ୍ନ କାଗଜପତ୍ର ଯାଞ୍ଚ କରିଥିଲା। ଭଦ୍ରକ ଭିଜିଲାନ୍ସ ଡିଏସ୍‌ପି ସନ୍ତୋଷ କୁମାର ସାମନ୍ତରାୟଙ୍କ ସହ ବାଲେଶ୍ୱର ଏବଂ ଭଦ୍ରକର ୧୧ଜଣିଆ ଟିମ୍ ଚଢ଼ାଉରେ ସାମିଲ ଥିଲେ। ଏନେଇ ବାଲେଶ୍ୱର ଭିଜିଲାନ୍ସ ପକ୍ଷରୁ ଏକ ମାମଲା (ନଂ.୧୯/୨୩) ରୁଜୁ କରାଯାଇଛି।

# କନ୍ତଲା ରାସ୍ତା, ସମାକୋଇ ନଦୀ ସେତୁ ଶିଳାନ୍ୟାସ କଲେ ମନ୍ତ୍ରୀ


ଆୟୋଜିତ ସଭାରେ ମଞ୍ଚାସୀନ ଅତିଥିମାନେ।

ତେଲକୋଇ,୨୨।୭(ରଞ୍ଜିତ ବିଶ୍ୱାଳ)

କେନ୍ଦୁଝର ଜିଲା ତେଲକୋଇଠାରେ କାଞ୍ଜିପାଣିରୁ କନ୍ତଲା ରାସ୍ତା ଏବଂ ସମାକୋଇ ନଦୀ ଉପରେ ନୂତନ ସେତୁର ଶିଳାନ୍ୟାସ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଯୋଗଦେଇ ଶିଳାନ୍ୟାସ କରିଥିଲେ। କାଞ୍ଜିପାଣି–କନ୍ତଲା ପୂର୍ତ୍ତବିଭାଗ ରାସ୍ତାର ତେଲକୋଇ– କନ୍ତଲା ୧୩.୯୬୭ କିଲୋମିଟର ରାସ୍ତା ଉନ୍ନତୀକରଣ ପାଇଁ ୨୯.୩୮ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଛି। ସେହିପରି ତେଲକୋଇ–ବିମଳା– ପେଟ୍ରାଘାଟି– ରାଇସୁଆଁ ରାସ୍ତାର ସମାକୋଇ ନଦୀ ଉପରେ ଥିବା ପୁରୁଣା ସେତୁଟି ବର୍ଷା ହେଲେ ପାଣି ପୋଲ ଉପର ଦେଇ ପ୍ରବାହିତ ହୋଇଥାଏ। ସମସ୍ୟାର ସମାଧାନ ପାଇଁ ନୂତନ ସୁଉଚ୍ଚ ସେତୁ ପାଇଁ ୧୬.୬୧ କୋଟି ଟଙ୍କାର ବ୍ୟୟଅଟକଳ କରି ଅର୍ଥ ମଞ୍ଜୁର ହୋଇଥିବା ମନ୍ତ୍ରୀ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ତେଲକୋଇ ବିଧାୟକ ଇଂ. ପ୍ରେମାନନ୍ଦ ନାୟକ, ଏମ୍‌ପିଙ୍କ ପ୍ରତିନିଧି କୈଳାସ ଚନ୍ଦ୍ର ପ୍ରଧାନ, ବ୍ଲକ୍ ଅଧ୍ୟକ୍ଷ ବିକ୍ରମ ନାୟକ, ଉପାଧ୍ୟକ୍ଷା ରଞ୍ଜିତା ମହାନ୍ତ, ସିରିଗିଡ଼ା ଜୋନ୍ ଜିଲା ପରିଷଦ ସଦସ୍ୟ କେଦାର ଚନ୍ଦ୍ର ପ୍ରଧାନ, ପୂର୍ତ୍ତବିଭାଗ ଅଧିକ୍ଷଣ ଯନ୍ତ୍ରୀ ସନ୍ତୋଷ ବେହେରା, ମୁଖ୍ୟ ନିର୍ମାଣ ଯନ୍ତ୍ରୀ ମନୋରଞ୍ଜନ ବିଶ୍ୱାଳ, ଉପଖଣ୍ଡ ଅଧିକାରୀ ବୁଧିଆ ମାରାଣ୍ଡି ପ୍ରମୁଖ ଯୋଗ ଦେଇଥିଲେ। ଭୀମକାଣ୍ଡ ପଞ୍ଚାୟତ ସମିତିସଭ୍ୟ ବିରଞ୍ଚି ବେହେରା ସଭା ପରିଚାଳନା କରିଥିଲେ।

# ବୈତରଣୀରେ ପ୍ରସ୍ତାବିତ ପୋଲ ସ୍ଥିତି ସମୀକ୍ଷା କଲେ ବିଭାଗୀୟ ଅଧିକାରୀ

ଆନନ୍ଦପୁର,୨୨।୭(ସନ୍ତୋଷ ରାଉତ)

କେନ୍ଦୁଝର ଜିଲା ଆନନ୍ଦପୁର ଆର୍‌ଡି ବିଭାଗର ଅଧିକାରୀ ଓ ଟେକ୍‌ନିକାଲ ଟିମ୍ ରାଜଘାଟ ନିକଟରେ ବୈତରଣୀ ନଦୀ ଉପରେ ପ୍ରସ୍ତାବିତ ପାଦଚଲା ପୋଲ(ଝୁଲା)ର ସ୍ଥିତି ସମୀକ୍ଷା କରିଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗର ସହାକାରୀ ଯନ୍ତ୍ରୀ ଅସିତ କୁମାର ପାତ୍ର, କନିଷ୍ଠ ଯନ୍ତ୍ରୀ ରଜତ ସିଂ ପ୍ରମୁଖ ନଦୀର ଲମ୍ୱ ଏବଂ ନିର୍ମାଣ ସ୍ଥାନରସ୍ଥିତି ସମ୍ପର୍କରେ ଅତିଶୀଘ୍ର ଏକ ବ୍ଲୁ ପ୍ରିଣ୍ଟ ତିଆରି କରି ସରକାରଙ୍କ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯିବ ବୋଲି ପ୍ରକାଶ କରିଛନ୍ତି। ଜନସାଧାରଣଙ୍କ ସୁବିଧାକୁ ଦୃଷ୍ଟିରେ ରଖି ବିଭାଗୀୟ ଅଧିକାରୀମାନେ ପ୍ରସ୍ତାବିତ ସ୍ଥାନରେ ପହଞ୍ଚି ସ୍ଥାନୀୟ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ଓ ଯୁବ ଗୋଷ୍ଠୀଙ୍କ ସହିତ ଆଲୋଚନା କରିଥିଲେ। ପରିଦର୍ଶନ ସମୟରେ ଆନନ୍ଦପୁର ପୌରାଧକ୍ଷା ରଜନୀରାଣୀ ଖଟୁଆ, ପୌରାଧ୍ୟକ୍ଷ ଦୁର୍ଗାଚରଣ ଦଳେଇ, ବହୁ ବରିଷ୍ଠ ନାଗରିକ, ଯୁବ ଗୋଷ୍ଠୀ ଉପସ୍ଥିତ ରହି ପୋଲ ସମ୍ପର୍କରେ ଆଲୋଚନା କରିଥିଲେ। ସୂଚନାଯୋଗ୍ୟ, ୫–ଟି ସଚିବଙ୍କ ଆନନ୍ଦପୁର ଗସ୍ତ ଅବସରରେ ଆନନ୍ଦପୁରର ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ପୋଲ ପାଇଁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଆନନ୍ଦପୁରରେ ପାଦ ଚଲା ପୋଲ ନିର୍ମାଣ ପାଇଁ ତତ୍ପରତା ପ୍ରକାଶ ପାଇଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅନେକ ଉତ୍ସାହ ପରିଲକ୍ଷିତ ହୋଇଛି।

# ଅସୁସ୍ଥ କିଶୋରଙ୍କୁ ଭେଟିଲେ ଭାଜପା ମୁଖପାତ୍ର


ଭାଜପା ମୁଖପାତ୍ର ଠାକୁର ରଞ୍ଜିତ ଦାସ ଅସୁସ୍ଥ କିଶୋରଙ୍କୁ ଭେଟୁଛନ୍ତି।

ଖଇରା, ୨୨।୭(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକରେ କାର୍ଯ୍ୟରତ ଖବରଦାତା କିଶୋର କୁମାର ବେହେରାଙ୍କ ଛାତିରେ ଯନ୍ତ୍ରଣା ଯୋଗୁ ସେ ଏବେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍‌ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ଏହି ଅବସରରେ ଭାଜପା ରାଜ୍ୟ ମୁଖପାତ୍ର ତଥା ମୁକୁନ୍ଦ ପ୍ରସାଦ ଫାଉଣ୍ଡେଶନର ସମ୍ପାଦକ ଠାକୁର ରଞ୍ଜିତ ଦାସ ତାଙ୍କୁ ଶନିବାର ଅପରାହ୍ନରେ ଭେଟି ସହଯୋଗର ହାତ ବଢ଼ାଇବା ସହ ଚିକିତ୍ସା ସମ୍ପର୍କରେ ପଚାରି ବୁଝିଛନ୍ତି। ଭାଜପା ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଅଜୟ କୁମାର ବେହେରା ମଧ୍ୟ ଉପସ୍ଥିତ ଥିଲେ । ଏଥିସହ ତାଙ୍କୁ ଦେଖୁଥିବା ଡାକ୍ତରଙ୍କ ସହ ଚିକିତ୍ସା ସମ୍ବନ୍ଧରେ ଆଲୋଚନା କରିଛନ୍ତି ।

# ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୨ ମୃତ

ପାଟଣା,୨୨।୭(ବୀରକିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍‌ରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୨ ଜଣଙ୍କ ମୃତ୍ୟୁ ହୋଇଛି। କଣ୍ଟିଆପଡ଼ା ପଞ୍ଚାୟତ ପାଟ ଧନୁର୍ଜୟପୁର ଗ୍ରାମରେ ଶଙ୍କର ମହାରଣା(୫୦) କୌଣସି କାର୍ଯ୍ୟରେ ଯାଉଥିବା ବେଳେ ବିଦ୍ୟୁତ୍ ସଂଯୋଗରେ ଆସିଥିବା ଲୁହାକବାଟକୁ ଛୁଇଁଦେଇଥିଲେ। ପରିବାର ଲୋକେ ଗୁରୁତର ଅବସ୍ଥାରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ତୁରୁମୁଙ୍ଗା ଥାନାରେ ମାମଲା( ନଂ.୮ /୨୩)ରୁଜୁ ହୋଇଛି। ସେହିପରି ତୁରୁମୁଙ୍ଗା ପଞ୍ଚାୟତ ତ୍ରିବିନ୍ଧା ଗ୍ରାମରେ ଶନିବାର ଘାସ କାଟିବା ବେଳେ ଅସାବଧାନତାବଶତଃ ପାଣି ପମ୍ପର ବିଦ୍ୟୁତ୍ ତାର କାଟି ଦ୍ରୌପଦୀ ମହାନ୍ତ(୪୦) ଗୁରୁତର ହୋଇଥିଲେ। ପରିବାର ଲୋକେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି।

# ପରିବେଶ ସଚେତନତା ସହିତ ଚାରାରୋପଣ

ବାଲେଶ୍ୱର, ୨୨।୭ (ମାନସ ବିଶ୍ୱାଳ)

ବାଲେଶ୍ୱର ରୋଟାରୀ କ୍ଲବ ସମ୍ପ୍ରତି ବିଦ୍ୟାଳୟସ୍ତରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପରିବେଶ ସଚେତନତା ସହିତ ଚାରାରୋପଣ କାର୍ଯ୍ୟକ୍ରମକୁ ଅଗ୍ରାଧିକାର ଦେଇଛି। ଏହି ପରିପ୍ରେକ୍ଷୀରେ ଚଳିତ ସପ୍ତାହବ୍ୟାପୀ ବନ ମହୋତ୍ସବ ପାଳିତ ହୋଇଛି। ଗତ ୧୮ତାରିଖରେ ସରସ୍ୱତୀପୁର ଗଙ୍ଗାଧର ଉଚ୍ଚ ବିଦ୍ୟାଳୟ, ୧୯ରେ ରସାଲପୁର ଉଚ୍ଚ ବିଦ୍ୟାଳୟ, ୨୦ରେ ନୟନା କୁମାରୀ ସରକାରୀ ଉଚ୍ଚ ବିଦ୍ୟାଳୟ, ୨୧ ତାରିଖରେ ଶ୍ରୀ ଅରବିନ୍ଦ ବିଦ୍ୟାଳୟ ଓ ସୋର ମଙ୍ଗଳପୁରସ୍ଥିତ ଜନାର୍ଦ୍ଦନ ଉଚ୍ଚ ବିଦ୍ୟାପୀଠ ଏବଂ ଶନିବାର କୁରୁଡ଼ା ଜନତା ହାଇସ୍କୁଲରେ ଚାରା ବଣ୍ଟନ କରାଯିବା ସହିତ ରୋପଣ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ କ୍ଲବ ସଭାପତି ରୋଟାରିଆନ ପ୍ରଦୀପ୍ତ କୁମାର ପଣ୍ଡା, ସମ୍ପାଦକ ସୁଧାଂଶୁ ପଣ୍ଡା, ବରିଷ୍ଠ ସଦସ୍ୟ ସୁବ୍ରତ କର, ଦେବେନ୍ଦ୍ର କୁମାର ଧଳ, ନିକୁଞ୍ଜ କିଶୋର ମହାନ୍ତି, କର୍ଣ୍ଣେଲ କ୍ଷେତ୍ରମୋହନ ମହାପାତ୍ର, ଲକ୍ଷ୍ମୀପ୍ରିୟା ଜେନା, ନନ୍ଦ କିଶୋର ମହାନ୍ତି ପ୍ରମୁଖ ରୋଟାରିଆନ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ଛାତ୍ରୀଛାତ୍ରମାନେ ସହଯୋଗ କରିଥିଲେ।



ଚାରାରୋପଣ କରାଯାଉଛି।

# ଯାଦବ ମହାସଭା ବୈଠକରେ ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱ

ଧାମନଗର, ୨୨।୭
(ଦେବେନ୍ଦ୍ର ଆଦିଆ)

ଭଦ୍ରକ ଜିଲା ଧାମନଗର ବ୍ଲକ ଯାଦବ ମହାସଭାର ଏକ ବୈଠକ ଗୋବିନ୍ଦପୁର ପଞ୍ଚାୟତ କକ୍ଷଠିଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଯାଦବ ମହାସଭାର ବ୍ଲକ ସଭାପତି ସୁବାସ ଚନ୍ଦ୍ର ବାରିକଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ସଙ୍ଗଠନ ପକ୍ଷରୁ ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥିପାଇଁ ମଙ୍ଗଳାପଦା ମେଳଣ ପଡ଼ିଆ ଏବଂ ଗଣେଶ ମନ୍ଦିର ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ସହ ଏକ ସ୍ୱତନ୍ତ୍ର ଉତ୍ସବ ଆୟୋଜନ କରାଯିବା ଲାଗି ନିଷ୍ପତ୍ତି ହୋଇଛି। ଏହି ଉତ୍ସବରେ ବ୍ଲକର ମେଧାବୀ ଛାତ୍ରୀଛାତ୍ର, ଶିକ୍ଷାବିତ୍, ପ୍ରକୃତିପ୍ରେମୀ ଓ ସଫଳ ଚାଷୀଙ୍କୁ ସମ୍ମାନିତ କରାଯିବାକୁ ବୈଠକରେ ସର୍ବସମ୍ମତ ପ୍ରସ୍ତାବ ଗ୍ରହଣ କରାଯାଇଥିଲା।

ଯାଦବ ମହାସଭାର ବ୍ଲକ କାର୍ଯ୍ୟକାରୀ ସଭାପତି ଖବରଦାତା ଅନିଲ କୁମାର ବାରିକ ସଂଯୋଜନା କରିଥିଲେ। ସମ୍ପାଦକ ମାଧବ ଖଟୁଆ, ଶିକ୍ଷାବିତ୍ ଶୁକଦେବ ନାୟକ, ବରିଷ୍ଠ ନାଗରିକ ସୁଧୀର ଓଝା, ଅସୁରାଳି ଜୋନ୍ ସଭାପତି ରବୀନ୍ଦ୍ର ଦାସ, ରାଜୀବ ଦାସ, ନାଟ୍ୟକାର କୁଳମଣି ବେହେରା, ଗୌରାଙ୍ଗ ଖିଲାର, ସାନନ୍ଦ ବେହେରା, ରାଜେନ୍ଦ୍ର କୁମାର ବେହେରା, ମନୋଜ ପଲାଇ, ମାନଗୋବିନ୍ଦ ଦାସ, ପୀତାମ୍ବର ଜେନା, ବିକାଶ ପଲାଇ, ମହେନ୍ଦ୍ର ମାଝୀ ପ୍ରମୁଖ ଯୋଗ ଦେଇଥିଲେ। ଅମରେଶ ପଲାଇ ଧନ୍ୟବାଦ ପ୍ରଦାନ କରିଥିଲେ। ପରଲୋକ ଗମନ କରିଥିବା ଯାଦବ ସଙ୍ଗଠନର ଉପଦେଷ୍ଟା ଜଗବନ୍ଧୁ ଦାସଙ୍କ ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା।

### ଦାଦନ ଖଟିବାକୁ ଯାଇ ବର୍ଷେ ହେଲା ସ୍ୱାମୀ ନିଖୋଜ

# ଦୁଇ ଶିଶୁଙ୍କୁ ଧରି ଥାନାର ଦ୍ୱାରସ୍ଥ ହେଲେ ସ୍ତ୍ରୀ

କେନ୍ଦୁଝର,୨୨।୭ (ନରେଶ ପଟ୍ଟନାୟକ): କେନ୍ଦୁଝର ଜିଲା ତେଲକୋଇ ଥାନା ଅନ୍ତର୍ଗତ ଗୋଡ଼ା ପଞ୍ଚାୟତର ବଡ଼କୁମୁଣ୍ଡ ଗ୍ରାମର ଡିଲେଶ୍ୱର ମହାକୁଡ଼ ଦାଦନ ଖଟିବାକୁ ଯାଇ ନିଖୋଜ ହୋଇଯାଇଛନ୍ତି। ବର୍ଷେ ହେବ ତାଙ୍କର କୌଣସି ପତା ମିଳୁ ନ ଥିବାରୁ ପରିବାର ଲୋକେ ଅସହାୟ ହୋଇପଡ଼ିଛନ୍ତି। ସ୍ୱାମୀଙ୍କୁ ଖୋଜିଆଣିବାକୁ ଡିଲେଶ୍ୱରଙ୍କ ସ୍ତ୍ରୀ ୨ ଶିଶୁଙ୍କୁ ଧରି ଶୁକ୍ରବାର ତେଲକୋଇ ଥାନାର ଦ୍ୱାରସ୍ଥ ହୋଇଥିବା ଜଣାପଡ଼ିଛି। ସୂଚନା ମୁତାବକ, ଗତ ୧୮ ଜୁନ୍ ୨୦୨୨ରେ ତେଲକୋଇ ଅଞ୍ଚଳର ସନ୍ତୋଷ ମହାକୁଡ଼ଙ୍କ ଜରିଆରେ ଡିଲେଶ୍ୱର ଦାଦନ ଖଟିବାକୁ ଯାଇଥିଲେ। ତେବେ ସେ ଯିବା ପରଠାରୁ ଫୋନରେ ଯୋଗାଯୋଗ ହୋଇପାରିନାହିଁ। ଏପରିକି ତାଙ୍କୁ ନେଇଥିବା ବ୍ୟକ୍ତି ମଧ୍ୟ ଫୋନ ଉଠାଇ ନ ଥିବା ଡିଲେଶ୍ୱରଙ୍କ ସ୍ତ୍ରୀ ସୁକାନ୍ତି ମହାକୁଡ଼ ଅଭିଯୋଗ କରିଛନ୍ତି। ଏ ନେଇ ଗତ ୨୫ ଜୁନ୍ ୨୦୨୨ରେ ତେଲକୋଇ ଥାନାରେ ଅଭିଯୋଗ କରିଥିଲେ। ସ୍ୱାମୀଙ୍କ ସହିତ ଯାଇଥିବା ଗ୍ରାମର ରଞ୍ଜନ ମହାକୁଡ଼, ବସନ୍ତ ମହାକୁଡ଼ ଫେରିଥିଲେ ହେଁ ତାଙ୍କ ସ୍ୱାମୀଙ୍କ ଆଜି ପର୍ଯ୍ୟନ୍ତ ପତା ମିଳିନାହିଁ। ସେମାନଙ୍କୁ ପଚାରିବାରୁ, ଡିଲେଶ୍ୱରଙ୍କ ମୁଣ୍ଡ ଖରାପ ହୋଇଯିବାରୁ କେଉଁ ଆଡ଼େ ପଳାଇଯାଇଥିବା କହିଥିଲେ। ଦୁଇ ଶିଶୁଙ୍କ ସହ ବୃଦ୍ଧା ଶାଶୁଙ୍କ ଧରି ଅସୁବିଧାରେ ଚଳୁଥିବା ତାଙ୍କ ସ୍ତ୍ରୀ କହିଛନ୍ତି। ଶନିବାର ସ୍ଥାନୀୟ ପୋଲିସ ରଞ୍ଜନ ଓ ବସନ୍ତଙ୍କୁ ଡାକି ପଚରାଉଚରା କରିଥିବା ଜଣାପଡ଼ିଛି। ଥାନା ଅଧିକାରୀ ବିଜୟ କୁମାର ବିହାରୀ କହିଛନ୍ତି, ଏ ନେଇ ଏସ୍‌ପିଙ୍କ ସହିତ ଆଲୋଚନା କରି ପଦକ୍ଷେପ ନେବେ। ସେମାନେ ଗରୀବ ପରିବାର ହୋଇଥିବା ବେଳେ ରୋଜଗାରକ୍ଷମ କେହିନାହାନ୍ତି। ଏଣୁ ସେମାନଙ୍କୁ ସହାୟତା କରିବା ସହ ତାଙ୍କ ସ୍ୱାମୀଙ୍କୁ ଫେରାଇ ଆଣିବାକୁ ପଦକ୍ଷେପ ନେବାକୁ ସ୍ଥାନୀୟ ସାମାଜିକ କର୍ମୀ କୃଷ୍ଣପ୍ରସାଦ ସାହୁ ପ୍ରଶାସନଙ୍କୁ ନିବେଦନ କରିଛନ୍ତି ।

ପୂର୍ବ ତଟ ରେଳପଥ
ପେ ଆଣ୍ଡ ୟୁଜ୍ ଶୌଚାଳୟର ଇ-ନିଲାମ
ନିଲାମ କ୍ୟାଟାଲଗ୍ ନଂ.: PnU-T-KUR-23-19
ଲଟ ନଂ./ବର୍ଗ : PnU-KUR-KIT-Toi-12-22-1 (Pay and Use-Toilets)
ଷ୍ଟେସନ ଏବଂ ସ୍ଥାନ : ଖଲିକୋଟ (ପରିଚଳନ କ୍ଷେତ୍ରରେ)।
ନିଲାମ ଆରମ୍ଭ ହେବା ତାରିଖ ଓ ସମୟ : ତା.03.08.2023ରିଖ 1100 ଘଟିକା।
ନିଲାମ ବନ୍ଦ ହେବା ତାରିଖ ଓ ସମୟ : ତା.03.08.2023ରିଖ 1130 ଘଟିକା।
ବିସ୍ତୃତ ବିବରଣୀ ନିମନ୍ତେ ୱେବ୍‌ସାଇଟ୍ https://www.ireps.gov.in ପରିଦର୍ଶନ କରନ୍ତୁ।
ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ଼
PR-371/O/23-24

कार्यपालक अभियंता का कार्यालय
ग्रामीण विकास विशेष प्रमंडल, राँची
शुद्धि पत्र
इस कार्यालय द्वारा प्रकाशित ई0–निविदा आमंत्रण सूचना संख्या–RDD/SD/RANCHI/05/2023-24 जिसका P.R. No. 301686 Rural Development (23-24) D है, को इस हद तक संशोधित किया जाता है।
(1) कंडिका –7)निविदा खोलने का सीन :–e-procurement Cell, मुख्य अभियंता कार्यालय, ग्रामीण विकास विशेष प्रक्षेत्र, एफ0एफ0पी0 भवन, धुर्वा, राँची के स्थान पर कार्यपालक अभियंता कार्यालय, ग्रामीण विकास विशेष प्रमंडल, राँची पढ़ा जाए।
निविदा की अन्य शर्ते यथावत् रहेगी।
कार्यपालक अभियंता
ग्रामीण विकास विशेष प्रमंडल, राँची
PR 303033Rural Development(23-24)#D

OFFICE OF THE CHIEF ENGINEER & BASIN MANAGER
TEL BASIN, BHAWANIPATNA, DIST. KALAHANDI
Tel. No. 06670230209, email- cetelbasinbhp@gmail.com
Government of Odisha "e" Procurement Notice No.-CE&BM, TEL-05/2023-24
Bid Identification No. CETEL-BID-02/2023-24
No.-A-361:- Online tenders are invited for EPC Contract for "Construction of In-stream storage structure (ISS) at Patharla accross river Indra / Sunder in the district Bolangir including Hydro-mechanical works, Power Connectivity works, Road Connectivity, Staff Quarters including Survey, Investigation. Planning, Design and Estimate of all Components with Operation and Maintenance of the project for a period of five years or five Flood Seasons whichever is more after successful commissioning of the Project of State of Odisha from perspective bidders."

| | | |
|---|---|---|
| 1 | Name of work | "Construction of In-steam storage structure (ISS) at Patharla accross river Indra / Sunder in the district Bolangir including Hydro-mechanical works, Power Connectivity works, Road Connectivity, Staff Quarters including Survey, Investigation, Planning, Design and Estimate of all Components with Operation and Maintenance of the project for a period of five years or five Flood Seasons whichever is more after successful commissioning of the Project of State of Odisha from perspective bidders." |
| 2 | Approximate value of work put to tender | Rs.161,75,42,373/- |
| 3 | Period of completion | 30 calendar months including rainy season |
| 4 | Date & time of availability of bid document in the portal | Date 27.07.2023 from 10.00 A.M. to Date 17.08.2023 upto 5.00 P.M. |
| 5 | Last date / time for receipt of bids in the portal | Date 17.08.2023 upto 5.00 P.M. |
| 6 | Name & address of the officer inviting bid | Chief Engineer & Basin Manager, Tel Basin, Bhawanipatna |

Further details can be seen from the e-procurement portal "https://tendersodisha.gov.in"
Sd./- Chief Engineer & Basin Manager, Tel Basin, Bhawanipatna
OIPR-32317/11/0006/2324

## ମଦ ଜବତ, ୪ ଗିରଫ

ଚାନ୍ଦବାଲି,(କିଶାନ ପାତ୍ର)-ଭଦ୍ରକ ଜିଲା ଅବକାରୀ ନିରୀକ୍ଷକଙ୍କ ନିର୍ଦ୍ଦେଶରେ ଚାନ୍ଦବାଲି ଏସ୍ଆଇ ଅବିନାଶ ପାଲଙ୍କ ସମେତ ଏକ ଟିମ୍ ଶୁକ୍ରବାର ବିଳମ୍ବିତ ରାତିରେ ପୃଥକ୍ ସ୍ଥାନରେ ଚଢ଼ାଉ କରିଥିଲେ। ବାଂଶଡ଼ା ଥାନା ଅନ୍ତର୍ଗତ ନୂଆଗାଁ ଇଛାପୁର ଗ୍ରାମର ରଞ୍ଜନ ଭୋଳ ଓ ବଜରାପୁରରେ ଚଢ଼ାଉ କରି ବଂଶୀଧର ବାରିକଙ୍କ ନିକଟରୁ ମୋଟ ୧୪ଲିଟରରୁ ଊର୍ଦ୍ଧ୍ୱ ବିଦେଶୀ ମଦ, ପାଞ୍ଚପଡ଼ା ଅଞ୍ଚଳର ସୁବାସ ବେହେରା ଓ ଦୋସିଙ୍ଗା ଅଞ୍ଚଳର ବଟକୃଷ୍ଣ ମାଝୀଙ୍କଠାରୁ ୧୦.୨୬ ଲିଟର ବିଦେଶୀ, ଦେଶୀ ମଦ ଜବତ କରାଯାଇଛି। ୪ଜଣଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି।

### ସଂକ୍ଷେପରେ

## ନୂତନ ଏସ୍ଡିପିଓଙ୍କ ଯୋଗଦାନ



ଚମ୍ପୁଆ,୨୨।୭(ମହେଶ୍ୱର ଦାସ): କେନ୍ଦୁଝର ଜିଲା ଚମ୍ପୁଆରେ ନୂତନ ଏସ୍ଡିପିଓ ଭାବେ ବିଜୟ କୁମାର ମଲ୍ଲିକ ଯୋଗଦେଇଛନ୍ତି। ସେ ଶନିବାର ଏସ୍ଡିପିଓ ରାମରାୟ ମୁର୍ମୁଙ୍କଠାରୁ କାର୍ଯ୍ୟଭାର ଗ୍ରହଣ କରିଥିଲେ। ଏସ୍ଡିପିଓ ମଲ୍ଲିକ କଟକ ଜିଲା ନିଆଳୀ ଥାନାରେ ଇନ୍ସପେକ୍ଟର ଭାବେ କାର୍ଯ୍ୟ କରୁଥିଲେ। ସେ ପଦୋନ୍ନତି ପାଇ ଚମ୍ପୁଆରେ ଯୋଗ ଦେଇଛନ୍ତି। ସ୍ଥାନୀୟ ଅଞ୍ଚଳର ଆଇନଶୃଙ୍ଖଳା ପରିସ୍ଥିତି ଉପରେ ଗୁରୁତ୍ୱ ଦିଆଯିବା ସହିତ ଅପରାଧିଙ୍କ କାର୍ଯ୍ୟକଳାପକୁ ଦୃଢ଼ ହସ୍ତରେ ଦମନ କରାଯିବ ବୋଲି ସୂଚନା ଦେଇଛନ୍ତି। ଚମ୍ପୁଆ ଏସ୍ଡିପିଓଙ୍କ ଅଧୀନରେ ଚମ୍ପୁଆ, ଝୁମ୍ପୁରା, ବାରିଆ ଓ ତୁରୁମୁଙ୍ଗା ଥାନା ସହିତ ରିମୁଳି ଫାଣ୍ଡି ଅଧୀନରେ ଥିବା ଜନ ସାଧାରଣଙ୍କୁ କୁ ସଂସ୍କାର, ଗୁଣିଗାରେଡି ଆଦି ସମସ୍ୟାରୁ ଦୁରେଇ ରହିବାକୁ ସୂଚନା ଦେଇଛନ୍ତି।

## ୨ ଦିନରେ ଦୁଇ ଅପମୃତ୍ୟୁ ମାମଲା

ରାଇରଙ୍ଗପୁର,୨୨।୭(ମାନସ ମହାନ୍ତି): ମୟୂରଭଞ୍ଜ ଜିଲା ଗୋରୁମହିଷାଣୀ ଥାନାରେ ୨ ଦିନ ମଧ୍ୟରେ ଦୁଇ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଶୁକ୍ରବାର ଥାନା ଅନ୍ତର୍ଗତ ସରଗୋଡ଼ା ପଞ୍ଚାୟତ ଅନ୍ତର୍ଗତ ବଡ଼ାଣ୍ଡା ଗ୍ରାମର ବିଜୟା ଲକ୍ଷ୍ମୀ ହାଁସଦା ବିଲରେ କାର୍ଯ୍ୟ କରୁଥିବା ବେଳେ ବଜ୍ରପାତ୍ରରେ ମୃତ୍ୟୁବରଣ କରିଥିଲେ। ଶନିବାର ଥାନା ଅନ୍ତର୍ଗତ ମାଣିକପୁର ପଞ୍ଚାୟତ ନୂଆ ଗାଁର ସୁରେନ୍ଦ୍ର ମୁର୍ମୁ ସକାଳେ ଗୁରୁତର ଅସୁସ୍ଥ ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ରାଇରଙ୍ଗପୁର ହସ୍ପିଟାଲରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ସୁରେନ୍ଦ୍ରଙ୍କୁ ମୃତ ଘୋଷଣା କହିଥିଲେ। ପୋଲିସ ଦୁଇ ମୃତଦେହ ରାଇରଙ୍ଗପୁର ହସ୍ପିଟାଲରେ ବ୍ୟବଚ୍ଛେଦ କରାଇ ପରିବାରଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ମାମଲା (ନଂ.୧୨,୧୩/୨୩)ରେ ରୁଜୁ ହୋଇଛି।

## ବ୍ଲକସ୍ତରୀୟ ବ୍ୟାଙ୍କର୍ସ କମିଟି ବୈଠକ

ମୋରଡା,୨୨।୭ (ସ୍ୱାରକ ମାଜୀ)- ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ କାର୍ଯ୍ୟାଳୟ କନ୍‌ଫରେନ୍ସ ହଲ୍‌ରେ ବ୍ଲକସ୍ତରୀୟ ବ୍ୟାଙ୍କର୍ସ କମିଟିର ଏକ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଜୟକୃଷ୍ଣ ପାତ୍ର ଏଥିରେ ଅଧକ୍ଷତା କରିଥିଲେ। ବ୍ୟାଙ୍କ ସେବାରେ ସମସ୍ତଙ୍କର ସହଭାଗିତା, ଋଣ ପ୍ରଦାନରେ ସରଳତା, ଅନ୍ୟାନ୍ୟ ବ୍ୟାଙ୍କିଙ୍ଗ୍ ସେବା କିପରି ଉନ୍ନତ ଓ ଲୋକାଭିମୁଖୀ ହୋଇପାରିବ, ସେ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ସେହିପରି ଗ୍ରାହକମାନେ କିପରି ବ୍ୟାଙ୍କ ସେବାରୁ ସୁଫଳ ପାଇପାରିବେ ସେ ବାବଦରେ ମଧ ଗୁରୁତ୍ୱାରୋପ କରାଯାଇଥିଲା। ଅଗ୍ରଣୀ ଜିଲା ପରିଚାଳକ, ନାବାର୍ଡର ଜିଲା ବିକାଶ ପରିଚାଳକ, ସମସ୍ତ ବ୍ୟାଙ୍କର୍ସ, ବିଏଓ, ବିଭିଓ, ଆଇପିଓ, ବିପିଏମ୍ ଓ ବ୍ୟାଙ୍କମିତ୍ରମାନେ ଉପସ୍ଥିତ ଥିଲେ।

## 'ଶିମିଳିପାଳର ସୁରକ୍ଷା ପାଇଁ ଜନସଚେତନତା ଶ୍ରେଷ୍ଠ ମାଧ୍ୟମ'

ବାରିପଦା, ୨୨।୭
(ନୀଳାଦ୍ରି ବିହାରୀ ଦଣ୍ଡପାଟ)



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି।

ବାରିପଦା ତକତପୁରସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ 'ଶିମିଳିପାଳର ଅତୀତ, ବର୍ତ୍ତମାନ ଏବଂ ଭବିଷ୍ୟତ' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ବିଶ୍ୱବ୍ୟାଙ୍କ ଦ୍ୱାରା ଉତ୍କର୍ଷତା ଏବଂ ସମାନତା ପାଇଁ ଓଡିଶା ଉଚ୍ଚଶିକ୍ଷା ଯୋଜନାର ସମନ୍ୱିତ ବିକାଶ କାର୍ଯ୍ୟକ୍ରମ ଦ୍ୱାରା ପ୍ରାୟୋଜିତ ଓ ବିଶ୍ୱବିଦ୍ୟାଳୟର ସେଣ୍ଟର ଫର୍ ଶିମିଳିପାଳ ଷ୍ଟଡିଜ ଦ୍ୱାରା ଏହାକୁ ଆୟୋଜନ କରାଯାଇଥିଲା। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଏହାକୁ ଉଦ୍‌ଘାଟନ କରି ଶିମିଳିପାଳକୁ ମୟୂରଭଞ୍ଜ ଜିଲା ତଥା ରାଜ୍ୟର ଜୀବନରେଖା ରୂପେ ଅଭିହିତ କରିଥିଲେ । ବୃକ୍ଷଲତା, ବନ୍ୟପ୍ରାଣୀ ଓ ମନୁଷ୍ୟ ମଧ୍ୟରେ ଉତ୍ତମ ସହବସ୍ଥାନ ଯୋଗୁ ଶିମିଳିପାଳର ଅତୀତ ମହନୀୟ ଥିଲା ଏବଂ ବିଭିନ୍ନ ବିକାଶ ମୂଳକ ପଦକ୍ଷେପ ଯୋଗୁ ଏହାର ପରିବର୍ତ୍ତନଶୀଳ ଭବିଷ୍ୟତ ନିମନ୍ତେ ଆମକୁ ଉତ୍ତରଦାୟୀ ହେବାକୁ ପଡିବ। ଶିମିଳିପାଳର ସୁରକ୍ଷା ପାଇଁ ଜନସଚେତନତା ହିଁ ସର୍ବଶ୍ରେଷ୍ଠ ମାଧ୍ୟମ ବୋଲି ସେ ମତବ୍ୟକ୍ତ କରିଥିଲେ। ଟାଇମ୍‌ସ ମାଗାଜିନ ଦ୍ୱାରା ଶିମିଳିପାଳ ବିଶ୍ୱର ୫୦ଟି ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇଛି। ଶିମିଳିପାଳ ଉପରେ ଅଧ୍ୟୟନ ଓ ଗବେଷଣା ଦିଗରେ ବିଶ୍ୱବିଦ୍ୟାଳୟର ପ୍ରଚେଷ୍ଟା ଜାରି ରହିଲେ ଆଗାମୀ ଦିନରେ ବିଶ୍ୱବିଦ୍ୟାଳୟ ମଧ ବିଶ୍ୱସ୍ତରୀୟ ହୋଇପାରିବ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଆସାମ ଡନ୍ ବସ୍କୋ ବିଶ୍ୱବିଦ୍ୟାଳୟର ପ୍ରଫେସର ସୁଶୀଲ କୁମାର ଦତ୍ତ ଶିମିଳିପାଳର ଅତୀତ ଅତୀବ ମନୋରମ। ବର୍ତ୍ତମାନ ପରିବର୍ତ୍ତନଶୀଳ ଓ ଭବିଷ୍ୟତ ଆହ୍ୱାନମୟ ବୋଲି ଅଭିମତ ରଖିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନର ଉପନିର୍ଦ୍ଦେଶକ ସମ୍ରାଟ ଗୌଡା ଶିମିଳିପାଳର ଭବିଷ୍ୟତ ବୈଷୟିକ ଜ୍ଞାନ କୌଶଳର ସଦୁପଯୋଗରେ ନିହିତ ରହିଛି । ଅଗାମୀ ଦିନରେ ଶିମିଳିପାଳ ଉପରେ ଗବେଷଣା ପାଇଁ ବିଶ୍ୱବିଦ୍ୟାଳୟ ସହିତ ଏମଓୟୁ ସ୍ୱାକ୍ଷର କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଓଡିଶାର ବିଖ୍ୟାତ ପରିବେଶବିତ ଡ.ଜୟକୃଷ୍ଣ ପାଣିଗ୍ରାହୀ କହିଛନ୍ତି, ଶିମିଳିପାଳର ବିକାଶ ନାମରେ ଏହାର ବିନାଶ ହେଉଛି । ଏହାର ସୁରକ୍ଷା କେବଳ ସରକାରଙ୍କ ନୁହେଁ ବରଂ ଜନସାଧାରଣଙ୍କର ଏ ଦିଗରେ ଯଥେଷ୍ଟ ଭୂମିକା ରହିଛି । ପ୍ରଫେସର ହୃଦୟନାଥ ଥାଟୋଇ ଗବେଷଣାତ୍ମକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ଏହି ଅବସରରେ ଓଡିଶା ଏନଭରନମେଣ୍ଟ ସୋସାଇଟି ସଭାପତି ଡ.ସୁନ୍ଦର ନାରାୟଣ ପାତ୍ର ଓ ଆଇସିଏଆର ରାଷ୍ଟ୍ରୀୟ ପାଦପ ଆନୁବଂଶିକ ସଂସାଧନ ବ୍ୟୁରୋ ମୁଖ୍ୟ ବୈଜ୍ଞାନିକ ଡ.ରମୋଶ ଚନ୍ଦ୍ର ମିଶ୍ରଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ରାଜ୍ୟ ତଥା ରାଜ୍ୟ ବାହାର ବିଭିନ୍ନ ବିଶ୍ୱବିଦ୍ୟାଳୟ, ବିଶିଷ୍ଟ ବ୍ୟକ୍ତିତ୍ୱ, ବିଶେଷଜ୍ଞ, ଏନଜିଓ, ସଙ୍ଗଠନର ଅନୁସନ୍ଧାନକାରୀ, ଅଧାପିକା, ଅଧାପକଙ୍କୁ ମିଶାଇ ୨୫୦ରୁ ଊର୍ଦ୍ଧ୍ୱ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ପ୍ରଫେସର ବିଶ୍ୱଜିତ ରଥ ଧନ୍ୟବାଦ ଅର୍ପଣ କରିଥିଲେ ।

## ପାଉଁଶକୁଲି ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କଲା ସ୍ୱାସ୍ଥ୍ୟ ଟିମ୍

ରୂପସା, ୨୨।୭(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ବସ୍ତା ବ୍ଲକ ଅଧୀନ ପାଉଁଶକୁଲି ନୂତନ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ପରିଦର୍ଶନ କରିଛନ୍ତି। ଗୁରୁତ୍ୱ ଦୃଷ୍ଟିରୁ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରିବା ଏବଂ ରୋଗୀଙ୍କ ପାଇଁ ଅନ୍ୟୁନ ୨୦ଶଯ୍ୟା, ୨୪ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇବା, ଆବଶ୍ୟକ ଥିବା ସମସ୍ତ ପଦବୀ ପୂରଣ, ଅନ୍ୟୁନ ୨ଜଣ ଡାକ୍ତର ନିଯୁକ୍ତି, ଉଚ୍ଚକ୍ଷମତା ସମ୍ପନ୍ନ ଜେନେରେଟର ଯୋଗାଇଦେବା ପାଇଁ ଗତ ଜୁନ ୨୩ତାରିଖରେ ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଜୁଲାଇ ୧୦ତାରିଖ ବସ୍ତା ବ୍ଲକରେ ଅନୁଷ୍ଠିତ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଅଞ୍ଚଳବାସୀଙ୍କ ପକ୍ଷରୁ ମଧ ଅଭିଯୋଗ ହୋଇଥିଲା। ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ପରେଶ ଚନ୍ଦ୍ର ନନ୍ଦୀ, ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ ଡା. ଦେବବ୍ରତ ଜେନା, ଜାତୀୟ ସ୍ୱାସ୍ଥ୍ୟ ମିଶନର ସହକାରୀ ଯନ୍ତ୍ରୀ ମନୋରଞ୍ଜନ ବେହେରା, ବସ୍ତା ବିପିଏମ ଅରବିନ୍ଦ ଦିଣ୍ଡା, ପାଉଁଶକୁଲି ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଚାନକ ପହଞ୍ଚି ଭାରପ୍ରାପ୍ତ ଡା. ମନୋଜ କୁମାର ସାହୁ, ଆୟୁଷ ଡା. ଆଶିଷ କୁମାର ବିଶ୍ୱାଳଙ୍କ ଉପସ୍ଥିତିରେ ମେଡିକାଲ ପରିସର ପରିଦର୍ଶନ କରିଥିଲେ। ଅଭିଯୋଗ ହୋଇଥିବା ବିଭିନ୍ନ ସମସ୍ୟା ଓ ଆବଶ୍ୟକ ଥିବା ଭିତ୍ତିଭୂମି ବାବଦରେ ଅଭିଯୋଗକାରୀ, ବୁଦ୍ଧିଜୀବୀ, ପରିଚାଳନା କମିଟି ସହିତ ଆଲୋଚନା କରିଥିଲେ। ମିନତୀ ମହାନ୍ତି, ଗିରିଜା ଶଙ୍କର ମହାନ୍ତି, ଅଜୟ କୁମାର ସାହୁ, ସମୀର କୁମାର ସାହୁ, ବୃନ୍ଦାବନ ପଣ୍ଡା, ସମରେନ୍ଦ୍ର ଜେନା, ଜଗନ୍ନାଥ ଜେନା ଓ ଗୋବିନ୍ଦ ବାରିକ ପ୍ରମୁଖ ଉପସ୍ଥିତ ରହିଥିଲେ।




ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନେ।

## 'ଜଳେଶ୍ୱରର ସର୍ବାଙ୍ଗୀନ ବିକାଶ ଲାଗି ଗୁରୁତ୍ୱ ଦିଆଯାଉଛି'

ଜଳେଶ୍ୱର, ୨୨।୭(ରବିନାରାୟଣ ପାତ୍ର)




ଖବରଦାତା ସମ୍ମିଳନୀରେ ମନ୍ତ୍ରୀ ଅଶ୍ୱିନୀ ପାତ୍ର ସୂଚନା ଦେଉଛନ୍ତି।

ବାଲେଶ୍ୱର ଜିଲା ଜଳେଶ୍ୱରର ସର୍ବାଙ୍ଗୀନ ବିକାଶ ଲାଗି ବହୁ ପ୍ରକଳ୍ପ ଆରମ୍ଭ ହୋଇଛି ଓ ଅନ୍ୟ କେତେକ ଆରମ୍ଭ ହେବାକୁ ଯାଉଛି ବୋଲି ଶନିବାର ସଂସ୍କୃତି, ପର୍ଯ୍ୟଟନ ଓ ଅବକାରୀ ମନ୍ତ୍ରୀ ଅଶ୍ୱିନୀ ପାତ୍ର ପ୍ରକାଶ କରିଛନ୍ତି। ଜଳେଶ୍ୱର ପୌରାଞ୍ଚଳର ଭଞ୍ଜଶ୍ରୀ ବିହାର ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମନ୍ତ୍ରୀ କହିଥିଲେ ଯେ, ଜଳେଶ୍ୱର ପୌରପାଳିକାରେ ୪ଟି କଲ୍ୟାଣ ମଣ୍ଡପ ନିର୍ମାଣ ଲାଗି ରାଜ୍ୟ ସରକାର ୧୦କୋଟି ୨୮ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ମୁକ୍ତା ଯୋଜନାରେ ୧୩୮ଟି ପ୍ରକଳ୍ପ ଲାଗି ୪କୋଟି ୯୯ଲକ୍ଷ ଟଙ୍କା ମଞ୍ଜୁର ଅନୁମୋଦନ ହୋଇଥିବା ସେ କହିଥିଲେ । ସହର ମଧ୍ୟରେ ବିଭିନ୍ନ ପ୍ରକଳ୍ପ ଲାଗି ୭୨ଲକ୍ଷ ଟଙ୍କା ଅନୁମୋଦିତ ହୋଇଛି। ସହରକୁ ସ୍ୱଜଳ ଧାରା ଯୋଜନାରେ ୧୧ଟି ଓଭରହେଡ ଟାଙ୍କି ଓ ଜଳ ବିଶୋଧନ କାରଖାନା ଲାଗି ୬୦ କୋଟି ଟଙ୍କାର ଡିପିଆର୍ ପ୍ରସ୍ତୁତ ହୋଇଥିବା କହିଛନ୍ତି । ୧କୋଟି ଟଙ୍କା ବ୍ୟୟରେ ଷ୍ଟର୍ମ ୱାଟର ମ୍ୟାନେଜ୍‌ମେଣ୍ଟ ଲାଗି ଏକ ମାଷ୍ଟରପ୍ଲାନ ପ୍ରସ୍ତୁତ ହେଉଥିବା ସମ୍ପର୍କରେ କହିଛନ୍ତି । ୫ ଏକର ସ୍ଥାନରେ ଲକ୍ଷ୍ମଣନାଥ କୋର୍ଟଠାରେ ଏକ ବସ୍ ଟର୍ମିନାଲ ଲାଗି ପରିବହନ ବିଭାଗ ଓ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସଂସ୍କୃତି ବିଭାଗ ପକ୍ଷରୁ ଏକ ସଂସ୍କୃତି ଭବନ ନିର୍ମାଣ ଲାଗି ୨.୫ କୋଟି ଟଙ୍କା ମଞ୍ଜୁର ହୋଇଛି । ଜଳେଶ୍ୱରରେ ପ୍ରଥମଥର ପାଇଁ ଚାଲନ୍ତିର ୨୨ ଏକର ସ୍ଥାନରେ ୧୦୦ କୋଟି ଟଙ୍କା ପୁଞ୍ଜି ବିନିଯୋଗରେ ଏକ ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ ହେବାକୁ ଯାଉଥିବା ବ୍ଲକ ଅଧକ୍ଷ ମାନସ ଜେନା କହିଛନ୍ତି । ଡାକବଙ୍ଗଳା ପରିସରରେ ବିଜୁ ବାବୁଙ୍କ ପୂର୍ଣ୍ଣ ଅବୟବ ପ୍ରତିମୂର୍ତ୍ତି, ମ୍ୟୁନିସିପାଲଟି ପାର୍କରେ ଭକ୍ତକବି ଦୀନକୃଷ୍ଣ ଦାସଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା ହେବାକୁ ଯାଉଛି। କବିଙ୍କ ଜନ୍ମସ୍ଥାନ ମୁଣ୍ଡୁତୁଣିଆ କବିଡିହଠାରେ ଅନ୍ୟ ଏକ ପୂର୍ଣ୍ଣ ଅବୟବ ପ୍ରତିମୂର୍ତ୍ତି ସ୍ଥାପନ ହେବ ବୋଲି ସୂଚନା ଦେଇଥିଲେ। ରାଇବଣିଆ ଦୁର୍ଗର ବିକାଶ ଲାଗି ୧୬.୮ କୋଟି ଟଙ୍କା ମଞ୍ଜୁର ହୋଇଥିବା ମନ୍ତ୍ରୀ ପାତ୍ର କହିଥିଲେ। ଖବରଦାତା ସମ୍ମିଳନୀରେ ପୌରପାଳ ପ୍ରତୀପ କୁମାର ପ୍ରଧାନ ସଞ୍ଚାଳନ କରିଥିବା ବେଳେ ବିଜେଡି ନଗର ସଭାପତି ସୁରଜିତ ଘୋଷ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ଛାତ୍ର ସଭାପତି ସୁରଜ ଚୌରାସିଆ, ଯୁବ ବିଜେଡି ସଭାପତି ଆନନ୍ଦ କର, ମହିଳା ବିଜେଡି ସଭାପତି ଗିତାଞ୍ଜଳି ସାମନ୍ତ, ମନ୍ତ୍ରୀ ପ୍ରତିନିଧି ସତ୍ୟରଞ୍ଜନ ଦାସ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ଖଣ୍ଡାରେ ଯୁବକଙ୍କୁ ଆକ୍ରମଣ

ବାରିପଦା,୨୨।୭
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଧୀନ ବାରିପଦା-ଉଦଳା ରାସ୍ତାର ବାଲିଯୋଡା ଗୋରୁ ହାଟରେ ଶନିବାର ଜଣେ ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ କରାଯାଇଛି। ଏଥିରେ ଗୁରୁତର ଯୁବକଙ୍କୁ ବାରିପଦା ପିଆର୍ଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ଉକ୍ତ ଯୁବକ ହେଲେ ପୋଡାଅସ୍ତିଆ ୭ନଂ. ୱାର୍ଡର ଆଲୋକ ବେହେରା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି।

ସୂଚନା ଅନୁଯାୟୀ, ଶନିବାର ଅପରାହ୍ନରେ କାଦୁଆଳବନ୍ଧ ଛକରେ ଥିବା ଏକ ମଦ ଦୋକାନରେ କୌଣସି କଥାକୁ ନେଇ ଦୁଇ ଯୁବକଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ସେଠାରୁ ଆଲୋକ ଗୋରୁ ହାଟକୁ ଆସିଥିଲେ। ବଟସାକୁ ନେଇ ଅନ୍ୟ ଜଣକ ଏକ ଖଣ୍ଡାରେ ଆଲୋକଙ୍କୁ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପିଆର୍ଏମ୍ ମେଡିକାଲରେ ଭର୍ତ୍ତି କରିଥିଲେ। ରିପୋର୍ଟ ଲେଖାହେବା ସୁଦ୍ଧା ଏନେଇ ଥାନାରେ ଅଭିଯୋଗ ହୋଇନାହିଁ। ଗଣ୍ଡଗୋଳର କାରଣ ଜଣାପଡ଼ି ନ ଥିବାବେଳେ ଘଟଣା ସମ୍ପର୍କରେ ପୋଲିସ ତଦନ୍ତ ଜାରି ରଖିଛି।

## ଗାଡ଼ି ଯାଞ୍ଚ ବେଳେ ବ୍ରାଉନସୁଗାର ଜବତ

### ଯାଜପୁରର ୨ ଯୁବକ ଗିରଫ

ଭଦ୍ରକ, ୨୨।୭(ସନାତନ ରାଉତ/ରବିନାରାୟଣ ଖିଲାର)

ଭଦ୍ରକ ଗ୍ରାମାଞ୍ଚଳ ପୋଲିସ ଗାଡ଼ି ମୋଟର ଯାଞ୍ଚ କରୁଥିବା ବେଳେ ଏକ ପଲ୍‌ସର ବାଇକ୍‌ରେ ଯାଉଥିବା ୨ ଯୁବକଙ୍କଠାରୁ ୧୨.୨୦ ଗ୍ରାମ୍ ବ୍ରାଉନସୁଗାର ଜବତ କରିଛି। ୨ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ସେମାନେ ହେଉଛନ୍ତି ଯାଜପୁର ରୋଡ୍ ଝାଟିଆସାହିର ଶ୍ୟାମସୁନ୍ଦର ଜେନା(୨୫) ଓ ଯାଜପୁର ଟାଉନ ଆଙ୍କୁଲା ଗ୍ରାମର ପ୍ରତାପ ଜେନା(୩୨)। ସେମାନଙ୍କଠାରୁ ୩ ମୋବାଇଲ ଓ ବାଇକ୍ ଜବତ କରାଯାଇଥିବା ଶନିବାର ଗ୍ରାମାଞ୍ଚଳ ଥାନାରେ ଏକ ଖବରଦାତା ସମ୍ମିଳନୀରେ ଏସ୍ଡିପିଓ ସୌରଭ ଓଟା ସୂଚନା ଦେଇଛନ୍ତି।

ଦୁଇ ଯୁବକ ଶୁକ୍ରବାର ଅପରାହ୍ନରେ ଏକ ବାଇକ୍‌ରେ ବାଲେଶ୍ୱରରୁ ଭଦ୍ରକ ଅଭିମୁଖେ ଆସୁଥିଲେ। ୧୬ନଂ. ଜାତୀୟ ରାଜପଥର ରାହାଞ୍ଜାଠାରେ ପୋଲିସ ଗାଡ଼ି ଯାଞ୍ଚ କରୁଥିବା ଦେଖି ସେମାନେ ଦ୍ରୁତଗତିରେ ଖସି ପଳାଇ ଯାଉଥିଲେ। ସନ୍ଦେହ ହେବାରୁ ପୋଲିସ ପିଛା କରି ସେମାନଙ୍କୁ ଧରିଥିଲା। ଜବତ ବ୍ରାଉନସୁଗାରର ମୂଲ୍ୟ ସାଢ଼େ ୩ ଲକ୍ଷ ଟଙ୍କା ହେବ। ଏନେଇ ଗ୍ରାମାଞ୍ଚଳ ଥାନାରେ ମାମଲା (ନଂ.୪୪୭/୨୩) ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଥିବା ଏସ୍ଡିପିଓ କହିଛନ୍ତି। ଥାନାଧିକାରୀ ଅମିତାଭ ଦାସ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଏସ୍ଡିପିଓ ସୌରଭ ଓଟା ସୂଚନା ଦେଉଛନ୍ତି।

## ଯୁଗ୍ମ ନିର୍ଦ୍ଦେଶକଙ୍କ କଣ୍ଟିପାଳ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ

କଣ୍ଟିପାଳ,୨୨।୭(ସୁଶାନ୍ତ କୁମାର ସାହୁ)

ମାଧ୍ୟମିକ ଗଣଶିକ୍ଷା ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଡ଼. ସପନ କୁମାର ଜେନା ଶନିବାର କଣ୍ଟିପାଳ ସରକାରୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନରେ ଆସି ସ୍ଥିତି ସମୀକ୍ଷା କରିଛନ୍ତି। ପିଲାଙ୍କ ଉପସ୍ଥାନ ସଂଖ୍ୟା ଦେଖିବା ସହ ବିଦ୍ୟାଳୟରେ ପାଠପଢ଼ା ସମ୍ପର୍କରେ ପିଲାଙ୍କୁ ପଚାରି ବୁଝିଥିଲେ। ଓଡ଼ିଆ ବିଷୟ ସବୁଠାରୁ ସହଜ, ଇତିହାସ କଷ୍ଟ ବୋଲି ଛାତ୍ରୀଛାତ୍ର କହିବା ପରେ ଇତିହାସ ବିଭାଗର ଶିକ୍ଷକଙ୍କ ସହିତ ଆଲୋଚନା କରି ଗଳ୍ପ ମାଧ୍ୟମରେ ପିଲାଙ୍କୁ ଶିକ୍ଷାଦାନ କରିବାକୁ ପରାମର୍ଶ ଦେଇଥିଲେ। ନବମ ଶ୍ରେଣୀରେ ୧୧୦ ଓ ଦଶମରେ ୮୫ ଛାତ୍ରୀଛାତ୍ର ଥିବା ଜାଣିଥିଲେ। ସେମାନଙ୍କୁ ଗୋଟିଏ ପ୍ରକୋଷ୍ଠରେ ଶିକ୍ଷାଦାନ କରିବା ସମ୍ଭବ ପର ନୁହେଁ ବୋଲି ଜାଣିବାକୁ ପାଇଥିଲେ। ଏଥିପାଇଁ ବିଦ୍ୟଳୟର ପ୍ରଧାନଶିକ୍ଷକ ବିଜୟ ଶୂରଙ୍କୁ ସେକ୍ସନରେ ବିଭକ୍ତ କରି ପାଠ ପଢ଼ାଇବା, ପିସିଏମ ଓ ସିବିଜେଡ୍ ଶିକ୍ଷକ ପଦବୀ ପୂରଣ ନିମନ୍ତେ ଜିଲା ଶିକ୍ଷା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ପରାମର୍ଶ ଦେଇଥିଲେ। ଏଥିସହ ମଧ୍ୟାହ୍ନ ଭୋଜନର ମାନ ତନଖି କରିଥିଲେ। ୫-ଟି ଯୋଜନାରେ ବିଦ୍ୟାଳୟରେ ହୋଇଥିବା ପେପର ଟାଇଲ ଦବିବା, ପାଚେରି କାନ୍ଥ ଫାଟିବା, ପିଲାମାନଙ୍କ ହାତଧୁଆ ପାଇଁ ପାଇପ ସଂଯୋଗ ହୋଇଥିବା ସମ୍ପର୍କରେ ମଧ ଅବଗତ ହୋଇଥିଲେ।

## ଗଣତାନ୍ତ୍ରିକ ମହିଳା ସମିତି, ସିଟୁର ପ୍ରତିବାଦ

### ମଣିପୁରରେ ୨ ମହିଳାଙ୍କୁ ଉଲଗ୍ନ ପରେଡ୍ ଘଟଣା

ଭଦ୍ରକ, ୨୨।୭ (ରବିନାରାୟଣ ଖିଲାର)

ମଣିପୁରରେ ୨ ଆଦିବାସୀ ମହିଳାଙ୍କୁ ଗଣବଳାତ୍କାର ପରେ ଉଲଗ୍ନ ପରେଡ୍ ଘଟଣାକୁ ନେଇ ଭଦ୍ରକ ବସ୍‌ଷ୍ଟାଣ୍ଡଠାରେ ଏକ ପ୍ରତିବାଦ ସଭା ଶ୍ରମିକ ନେତା ଦିବ୍ୟସିଂହ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଗଣତାନ୍ତ୍ରିକ ମହିଳା ସମିତି ପକ୍ଷରୁ ଶତାଧିକ ସଦସ୍ୟା ଓ ସିଟୁର ଶ୍ରମିକମାନେ ଏଥିରେ ଯୋଗ ଦେଇଥିଲେ। ଯୁବନେତା ବିନୋଦ ସାହୁ ମଣିପୁରରେ ଘଟିଥିବା ଉକ୍ତ ଘଟଣାକୁ ନିନ୍ଦା କରିଥିଲେ। ମହିଳା ସମିତିର ସୁରଜିତା ନାୟକ, ପ୍ରଭାତୀ ଜେନା, ଶିଖା ମହାପାତ୍ର, ସୁମତି ନାୟକ, ଶାନ୍ତିଲତା ବାରିକ, ସନୁ ମହାପାତ୍ର, ସଂଯୁକ୍ତା ଯାଦବ, ମୂଳିଆ ନେତା ପ୍ରଫୁଲ୍ଲ ପାଢ଼ୀ, ରାଧା ଦାସ, ବିନୋଦ ସାହୁ, ସେକ୍ ମିନାଜ ପ୍ରମୁଖ ପ୍ରତିବାଦ ଜଣାଇଥିଲେ। ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରି ଦିବ୍ୟସିଂହ ନାୟକ ମହିଳାମାନଙ୍କ ଉପରେ ଆକ୍ରମଣ ବିରୋଧରେ ସମସ୍ତେ ଏକ ହେବାକୁ ନିବେଦନ କରିଥିଲେ।




## ଜୁରୁଡ଼ିରେ ଡେଙ୍ଗୁରୋଗୀଙ୍କ ସଂଖ୍ୟା ବଢୁଛି

### ଲୋକେ ଆତଙ୍କିତ, ପ୍ରତିକାର ବ୍ୟବସ୍ଥା ଦାବି

ଯୋଡ଼ା,୨୨।୭(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ଜୁରୁଡ଼ି ପଞ୍ଚାୟତ ଅଞ୍ଚଳରେ ଡେଙ୍ଗୁରୋଗ ବ୍ୟାପିବାରେ ଲାଗିଛି। ଏବେ ସମୁଦାୟ ୯ ଜଣ ରୋଗୀ ଚିହ୍ନଟ ହୋଇଥିବା ବେଳେ ୬ଜଣ ଜୁରୁଡ଼ି ଉପ ସ୍ୱାସ୍ଥ୍ୟକେନ୍ଦ୍ରରୁ ସୁସ୍ଥହୋଇ ଫେରିଛନ୍ତି। ୩ ଜଣ ଟାଟାଷ୍ଟିଲ୍ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା କେନ୍ଦୁଝର ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଦେବେନ ଦାସ ସୂଚନା ଦେଇଛନ୍ତି। ରୋଗୀଙ୍କୁ ୫ ଦିନ ପର୍ଯ୍ୟନ୍ତ ଅଧିକ ଜ୍ୱର ହୋଇଥାଏ, ପରେ ଏହା ଧୀରେ ଧୀରେ କମିଥାଏ । ତେଣୁ ଡେଙ୍ଗୁ ରୋଗୀ ଏଥିପ୍ରତି ଭୟଭୀତ ହେବା ଉଚିତ ନୁହେଁ ବୋଲି ସେ ପରାମର୍ଶ ଦେଇଛନ୍ତି।

ସୂଚନା ଅନୁଯାୟୀ, ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ତର୍ଗତ ଜୁରୁଡ଼ି (ଖ) ଲଙ୍ଗାଲୋଟା ଅଞ୍ଚଳର ଲଳିତ ତନ୍ତୀ ଓ ଶଙ୍କର ପାତ୍ର ଗତ ୩ ଜୁଲାଇରେ ଡେଙ୍ଗୁରୋଗରେ ଆକ୍ରାନ୍ତ ହୋଇଥିବା ଜାଣିବାକୁ ପାଇଥିଲେ। ତେବେ ଉପ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଦୁଇଟି ଟିମ୍ ଦୈନିକ ତାଙ୍କ ଘରକୁ ଘର ଯାଇ ସ୍ୱାସ୍ଥ୍ୟ ଅବସ୍ଥା ସମ୍ପର୍କରେ ପଚାରି ବୁଝିବା ସହ ଆବଶ୍ୟକ ଔଷଧ ଦେଉଥିବା ସେ କହିଥିଲେ। ପରେ ଶଙ୍କର ପାତ୍ର, ସନ୍ଧ୍ୟାରାଣୀ ପାତ୍ର, ନଳିନୀ ପାତ୍ର, ମନୋଜ ଦାସ, ଅଞ୍ଜଳି ଜୟସ୍ୱାଲ, ଝିଲି ପାତ୍ର, ଯୋଗେନ୍ଦ୍ର ମହାନ୍ତ ଓ ଜୁରୁଡ଼ି ସରପଞ୍ଚ ଶୁଭକାନ୍ତୀ ସଏ, ଉପ ସ୍ୱାସ୍ଥ୍ୟକେନ୍ଦ୍ରର କମ୍ୟୁନିଟି ହେଲ୍‌ଥ ଅଫିସର ଅନସୂୟା ପାତ୍ର ଡେଙ୍ଗୁରୋଗରେ ଆକ୍ରାନ୍ତ ହୋଇଛନ୍ତି। ଅନ୍ୟପକ୍ଷେ ଯୋଡ଼ା ପୌରପାଳିକାରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଥିବାରୁ ଏଥିପ୍ରତି ସଜାଗ ନ ହେଲେ ସହରରେ ଡେଙ୍ଗୁ ବ୍ୟାପିବାକୁ ଏଡ଼ାଇ ଦିଆଯାଇ ନ ପାରେ। ଏ ନେଇ ଯୋଡ଼ା ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା କହିଛନ୍ତି, ବିଭିନ୍ନ ୱାର୍ଡରେ ମଶାତେଲ, ବ୍ଲିଚିଂ ପାଉଡର ସିଞ୍ଚନ ସହ ପରିମଳ ବ୍ୟବସ୍ଥା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଡାକ୍ତର ଲକ୍ଷ୍ମୀକାନ୍ତ ସିଂ କହିଛନ୍ତି, କେବଳ ଜୁରୁଡ଼ି ଅଞ୍ଚଳରେ ହିଁ ଡେଙ୍ଗୁରୋଗୀ ଚିହ୍ନଟ ହୋଇଛନ୍ତି। ପୌରପାଳିକାରେ ଏ ପର୍ଯ୍ୟନ୍ତ କୌଣସି ରୋଗୀ ଚିହ୍ନଟ ହୋଇ ନ ଥିବା ସେ ସ୍ପଷ୍ଟ କରିଛନ୍ତି। କେନ୍ଦୁଝର ଜିଲାପାଳ ଆଶିଷ ଠାକ୍‌ରେ ଏ ସଂକ୍ରାନ୍ତରେ ଖୁବ୍‌ଶୀଘ୍ର ପ୍ରଶାସନିକ ସ୍ତରରେ ପ୍ରତିକାର ବ୍ୟବସ୍ଥା କରାଯିବ ବୋଲି କହିଥିଲେ। ମାତ୍ର ବାସୁଦେବପୁର ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଡେଙ୍ଗୁ ନିରାକରଣ ପାଇଁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଜୁରୁଡ଼ି ସରପଞ୍ଚ ଶୁଭକାନ୍ତୀ ଅଭିଯୋଗ କରିଛନ୍ତି।




ଜୁରୁଡ଼ି ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

## ବୋହୂଙ୍କୁ ଅସଦାଚରଣ କରି ଶ୍ୱଶୁର ଗିରଫ

ସୋର, ୨୨।୭(ଜନ୍ମେଜୟ ମିଶ୍ର)

ସୋର ବ୍ଲକ ସବିରା ପଞ୍ଚାୟତ ସୁନାରୀ ଗ୍ରାମର ଜଣେ ମହିଳାଙ୍କୁ ତାଙ୍କ ଶ୍ୱଶୁର ଅସଦାଚରଣ କରି ଆକ୍ରମଣ କରିଥିବା ଅଭିଯୋଗରେ ପୋଲିସ ତାଙ୍କ ଶ୍ୱଶୁରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ଗତ ଜୁନ୍ ୧୮ ତାରିଖ ସନ୍ଧ୍ୟାରେ ଗ୍ରାମର ଶ୍ରୀଧର ମାଝୀ ତାଙ୍କ ପୁଅ ଘରେ ନ ଥିବା ବେଳେ ତାଙ୍କ ବୋହୂ କବିତା ମାଝିଙ୍କୁ ଅସଦାଚରଣ କରିଥିଲେ। କବିତା ଏହାକୁ ବିରୋଧ କରିବାରୁ ଶ୍ରୀଧର ତାଙ୍କୁ ଆକ୍ରମଣ କରିଥିଲେ। ଫଳରେ କବିତା ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହୋଇ ସୋର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା (ନଂ. ୩୬୧/୨୩) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଶନିବାର ସକାଳେ ସୋର ପୋଲିସ ଶ୍ରୀଧରଙ୍କୁ ଔପଦା ଥାନା ଅଧୀନ ଡଗରା ଗ୍ରାମରେ ଥିବା ତାଙ୍କ ଝିଅ ଘରୁ ଗିରଫ କରିଥିବା ବେଳେ ଅପରାହ୍ନରେ ଡାକ୍ତରୀମାଇନା ପରେ କୋର୍ଟଚାଲାଣ କରିଛି।

## ଘରେ ବଣ୍ଟା ହେଉଛି ଲୋଡିଂ ଟୋକନ

କେନ୍ଦୁଝର,(ଦୀପକ ମିଶ୍ର): କେନ୍ଦୁଝର ଜିଲା ଟ୍ରକ୍ ମାଲିକ ସଂଘ ପଛରୁ ବିବାଦ ଛାଡୁନି। ବିଗତ ଏକ ବର୍ଷ ହେଲା ସଂଘ ନିର୍ବାଚନକୁ ନେଇ ଟଣା ଓଟରା ଲାଗି ରହିଛି। ତେବେ ଏହା ମଧ୍ୟରେ ଲୋଡିଂ ସ୍ଲିପ ବଣ୍ଟାକୁ ନେଇ ସବୁବେଳେ ବିବାଦ ରହିଛି। ଏ ବାବଦରେ କର୍ମକର୍ତ୍ତାଙ୍କ ନିକଟରେ ଅଭିଯୋଗ କଲେ ବି କିଛି ଫଳ ମିଳୁନାହିଁ। ବର୍ତ୍ତମାନ ସମୟରେ ଟୋକନ କଳା ବଜାରୀ ଚାଲିଥିବା ଅଭିଯୋଗ ହେଉଛି। ପାର୍କିଂ ବଦଳରେ ଘରେ ଓ ସହର ମଧ୍ୟରେ ଥିବା କଲୋନୀରେ ସ୍ଲିପ ବଣ୍ଟା ହେଉଛି। ଏ ସମ୍ପର୍କରେ ଯୁଗ୍ମ ସମ୍ପାଦକ ଦେବୁ ପଟ୍ଟନାୟକଙ୍କୁ ପଚାରିବାରୁ ସେ ଅଭିଯୋଗକୁ ଖଣ୍ଡନ କରିଛନ୍ତି।

## ସଂକ୍ଷେପରେ

### ସ୍ତ୍ରୀ ଓ ଶିଶୁକନ୍ୟାଙ୍କୁ ଅପହରଣ ମାମଲା
## ଜେଲ ଗଲେ ଅଭିଯୁକ୍ତ ସ୍ୱାମୀ

ରୂପସା, ୨୨।୭(ବାଞ୍ଛାନିଧି ଦେ)-ଶ୍ୱଶୁର ଘର ଲୋକଙ୍କୁ ମରଣାନ୍ତକ ଆକ୍ରମଣ କରି ସ୍ତ୍ରୀ ଏବଂ ୮ ମାସର ଶିଶୁକନ୍ୟାଙ୍କୁ ଅପହରଣ ମାମଲାର ତଦନ୍ତ କରି ବାଲେଶ୍ୱର ଜିଲା ସିଂଲା ଥାନା ପୋଲିସ ବୁଧବାର ଅଭିଯୁକ୍ତ ସ୍ୱାମୀ ଦେବେନ୍ଦ୍ର ସାହୁଙ୍କୁ ଗିରଫ କରିଛି। ଏ ସମ୍ପର୍କରେ ଏକ ମାମଲା (ନଂ. ୧୩୧/୨୩) ରୁଜୁ ହୋଇ ଗିରଫ ସ୍ୱାମୀଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।ସିଂଲା ଥାନା ଅଧୀନ ସଦର ବ୍ଲକ ଆଲୁମେଦା ଗ୍ରାମର ବ୍ରଜମୋହନ ମହାନ୍ତିଙ୍କ ଝିଅ ସୌମ୍ୟା ସୂଚୟତାଙ୍କ ସହ ରାଇପୁର ଗ୍ରାମର ଦେବେନ୍ଦ୍ର ସାହୁଙ୍କର ୮ ବର୍ଷ ପୂର୍ବରୁ ବିବାହ ହୋଇଥିଲା। ଦେବେନ୍ଦ୍ର ବିବାହ ପରଠାରୁ ସ୍ତ୍ରୀ ସୌମ୍ୟାଙ୍କୁ ନିର୍ଯାତନା ଦେଇ ଆସୁଥିଲେ। ଏନେଇ ବିଭିନ୍ନ ସମୟରେ ଗ୍ରାମବାସୀ ଓ ଭଦ୍ରବ୍ୟକ୍ତିଙ୍କ ମଧ୍ୟରେ ବୈଠକ ବସି ଆପୋଷ ସମାଧାନ ହୋଇଥିଲା। ଗତବର୍ଷ ଦେବେନ୍ଦ୍ର ନିଶାଗ୍ରସ୍ତ ଅବସ୍ଥାରେ ସ୍ତ୍ରୀ ସୌମ୍ୟାଙ୍କୁ ମାରଣାନ୍ତକ ଆକ୍ରମଣ କରିବା ସହ ହତ୍ୟା ଉଦ୍ୟମ କରିଥିଲେ ବୋଲି ଥାନାରେ ଅଭିଯୋଗ ହୋଇଥିଲା। ସେ ଭୟରେ ଶିଶୁକନ୍ୟାଙ୍କୁ ନେଇ ବାପଘରେ ଆଶ୍ରୟ ନେଇଥିଲେ। ଗତ୧୭ ତାରିଖ ବିଳମ୍ବିତ ରାତିରେ ସ୍ୱାମୀ ଦେବେନ୍ଦ୍ର ୧୫ରୁ ଊର୍ଦ୍ଧ୍ୱ ସହଯୋଗୀଙ୍କୁ ନେଇ ଶ୍ୱଶୁର ଘରେ ପହଞ୍ଚିଥିଲେ। ବନ୍ଧୁକ ଦେଖାଇ ଭୁଜାଲି, ଖଣ୍ଡା, ଛୁରୀ ଆଦି ମାରଣାସ୍ତ୍ରରେ ଶ୍ୱଶୁର, ଶାଶୁ ଏବଂ ଶଳାଙ୍କୁ ମରଣାନ୍ତକ ଆକ୍ରମଣ କରି ଭୟଭୀତ କରାଇଥିଲେ। ଏହାପରେ କବାଟ ଭାଙ୍ଗି ଜବରଦସ୍ତ ସ୍ତ୍ରୀ ସୌମ୍ୟା ଏବଂ ୮ ମାସର ଶିଶୁକନ୍ୟାଙ୍କୁ ନେଇ ସେଠାରୁ ଚମ୍ପଟ ମାରିଥିଲେ। ଘଟଣା ସମ୍ପର୍କରେ ପରିବାର ଲୋକେ ସିଂଲା ଥାନା ପୋଲିସକୁ ଖବର ଦେଇଥିଲେ। ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଥିଲା। ଦେବେନ୍ଦ୍ରଙ୍କ ସାନ ଭାଇକୁ ପୋଲିସ ଥାନାକୁ ଆଣି ପଚରାଉଚୁରା କରିଥିଲା। ଅପରପକ୍ଷରେ ଦେବେନ୍ଦ୍ର ତାଙ୍କ ସ୍ତ୍ରୀ ଓ ଶିଶୁକନ୍ୟାଙ୍କୁ କାର ଯୋଗେ ନେଇ ନାଇଖୁଡ଼ି ଗ୍ରାମର ଜଣେ ସମ୍ପର୍କୀୟଙ୍କ ଘରେ ଲୁଚାଇ ରଖିଥିଲେ। ଏହା ଜାଣିବା ପରେ ତାଙ୍କ ପରିବାର ଲୋକେ ଦେବେନ୍ଦ୍ର, ସୌମ୍ୟା ଓ ଶିଶୁ କନ୍ୟାଙ୍କୁ ଆଣି ଥାନାରେ ପହଞ୍ଚାଇଥିଲେ। ଘଟଣା ସମ୍ପର୍କରେ ସୌମ୍ୟାଙ୍କ ସମସ୍ତ ବୟାନକୁ ପୋଲିସ ରେକର୍ଡ଼ କରିଥିଲା। ସ୍ୱାମୀଙ୍କର ପରକୀୟା ପ୍ରୀତି ଥିବା ଜାଣିବା ପରଠାରୁ ତାଙ୍କ ପ୍ରତି ନିର୍ଯ୍ୟାତନା ବଢ଼ି ଚାଲିଥିଲା ବୋଲି ସୌମ୍ୟା ପୋଲିସ ଆଗରେ କହିଥିଲେ।

## ହିତାଧିକାରୀଙ୍କୁ ଭତ୍ତା ବାଣ୍ଟିଲେ ବିଧାୟକ

ବାସୁଦେବପୁର, ୨୨।୭ (ନାରାୟଣ ପ୍ରସାଦ ବାରିକ୍)-ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଚିନ୍ତାମଣି ସଭାଗୃହ ପରିସରରେ ମଧୁବାବୁ ପେନ୍‌ସନ ଯୋଜନାରେ ୩୫ରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଯୋଗଦେଇ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ ଅଧକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ବିଡିଓ ସତ୍ୟଜିତ୍ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ଶିକ୍ଷକଙ୍କୁ ସୁରକ୍ଷା ଦାବିରେ ରାସ୍ତାରେ ବସିଲେ ଛାତ୍ରୀଛାତ୍ର

ଭୋଗରାଇ, ୨୨।୭(ପ୍ରଦୀପ ଦାସ)

ଶିକ୍ଷକଙ୍କୁ ସୁରକ୍ଷା ଯୋଗାଇଦେବା ଦାବିରେ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଚନ୍ଦନେଶ୍ୱର -ବର୍ଦ୍ଧର ରାସ୍ତା ବାଡ଼ସରିଷା ହାଇସ୍କୁଲଠାରେ ଶନିବାର ଶିକ୍ଷକ ସଂଘ ଓ ଛାତ୍ରୀଛାତ୍ରଙ୍କ ପକ୍ଷରୁ ୨ଘଣ୍ଟା ରାସ୍ତାରୋକୋ କରାଯାଇଥିଲା। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହନ ଅଟକି ରହିଥିଲା। ଯାତ୍ରୀମାନେ ଗନ୍ତବ୍ୟସ୍ଥଳକୁ ଯାଇ ନ ପାରି ହଇରାଣ ହୋଇଥିଲେ। ଜଳେଶ୍ୱର ଏସ୍‌ଡିପିଓ ଦିଲୀପ କୁମାର ସାହୁ, ଅତିରିକ୍ତ ତହସିଲଦାର ଗଦାଧର ସେଠୀଙ୍କ ସହ ତାଳସାରୀ ମେରାଇନ ଥାନା, ଭୋଗରାଇ ଥାନା ଓ କମର୍ଦ୍ଦା ଥାନା ଅଧିକାରୀ ୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହି ସ୍ଥିତି ପ୍ରତି ତୀକ୍ଷ୍ଣ ନଜର ରଖିବା ସହ ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ।

ବାଡ଼ସରିଷା ଭୋଳାନାଥ ସରକାରୀ ବିଦ୍ୟାପୀଠରେ ଦଶମ ଶ୍ରେଣୀରେ


ଛାତ୍ରୀଛାତ୍ର ଓ ଅଭିଭାବକମାନେ ରାସ୍ତା ଅବରୋଧ କରିଛନ୍ତି।

ପଢୁଥିବା ଜଣେ ଛାତ୍ରୀ ତାଙ୍କ ସହପାଠୀଙ୍କ ମୋବାଇଲରେ ଥିବା ଆପତ୍ତିଜନକ ପ୍ରେମାଳାପକୁ ଭାଇରାଲ କରିଥିବା ଘଟଣାକୁ କେନ୍ଦ୍ର କରି ଉକ୍ତ ସ୍କୁଲର ପ୍ରଧାନ ଶିକ୍ଷକ ଓ ଅନ୍ୟ ଶିକ୍ଷକମାନେ ଛାତ୍ରୀଙ୍କୁ ତାଗିଦ୍ କରିବା ସହିତ ମାଡ଼ ମାରିଥିବା ଛାତ୍ରୀଜଣକ ଘରେ କହିଥିଲେ। ତାଙ୍କ ମାତାପିତାଙ୍କ ସହିତ ପରିବାର ଓ ଗ୍ରାମବାସୀ ମିଳିତ ହୋଇ ୧୮ତାରିଖରେ ସ୍କୁଲ ଚାଲୁଥିବା ବେଳେ ଅଫିସରେ ପଶି ପ୍ରଧାନ ଶିକ୍ଷକ ଓ ସହକାରୀ ଶିକ୍ଷକଙ୍କ ସହିତ ଯୁକ୍ତିତର୍କ କରିବା ସହିତ ପ୍ରତିବାଦ କରିଥିଲେ । ପରେ ଗଣ୍ଡଗୋଳ ହୋଇଥିଲା । ମାଡ଼ ଖାଇଥିବା ଛାତ୍ରୀଙ୍କ ସମ୍ପର୍କୀୟ ଉତକ୍ଷିପ୍ତ ହୋଇ ପ୍ରଧାନ ଶିକ୍ଷକଙ୍କୁ ମାଡ ମାରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ଛାତ୍ରୀଙ୍କ ପରିବାର ଓ ଶିକ୍ଷକଙ୍କ ପକ୍ଷରୁ ତାଳସାରୀ ମେରାଇନ ଥାନାରେ ପୃଥକ ଭାବେ ଏତଲା ଦେବା ପରେ ଶିକ୍ଷକଙ୍କୁ ମାଡ ମାରିଥିବା ଅଭିଯୋଗରେ ୩ଜଣଙ୍କୁ ପୋଲିସ ଶୁକ୍ରବାର ଗିରଫ କରିଥିଲା। ପ୍ରଶାସନର ପ୍ରତିଶ୍ରୁତି ପରେ ଆନ୍ଦୋଳନକାରୀମାନେ ରାସ୍ତାରୋକୋରୁ ହଟିଥିଲେ। ପରେ ମାମଲା ରୁଜୁ ହୋଇଥିବା ଉଭୟ ପକ୍ଷର ସହମତି ଭିତ୍ତିରେ ଦୁଇ ସରପଞ୍ଚ ଅରୁଣ ଗିରି ଓ ତପନ ପଣ୍ଡାଙ୍କ ଉଦ୍ୟମରେ ଗଣ୍ଡଗୋଳ ସମାଧାନ ହୋଇଥିଲା। ଭୋଗରାଇର ମାଧ୍ୟମିକ ଶିକ୍ଷକ ସଂଘ(ଓଷ୍ଟା )ର ଜିଲା ସଭାପତି ରାଜେନ୍ଦୁ ବିକାଶ ପାତ୍ର, ନିଖିଳ ଉତ୍କଳ ପ୍ରାଥମିକ ସଂଘ ସଭାପତି ପ୍ରଶାନ୍ତ କୁମାର ପଣ୍ଡା, ସମ୍ପାଦକ ଅଜିତ କୁମାର ସାମଲ, ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ରାଜ୍ୟ ସଭାପତି ସୁଶାନ୍ତ ବେହେରା, ଭୋଗରାଇ ସଭାପତି ବାଲଗୋପାଳ ଦାସ, ଜିଲା ପରିଷଦ ଶିକ୍ଷକ ସଂଘ ସଭାପତି ବେନୁ ଚରଣ ଜେନାଙ୍କ ନେତୃତ୍ୱରେ ଶତାଧିକ ଶିକ୍ଷୟିତ୍ରୀଶିକ୍ଷକ ଆନ୍ଦୋଳନରେ ସାମିଲ ଥିଲେ।

## ବିଭିନ୍ନ ଛାତ୍ରାବାସ ପରିଦର୍ଶନ କଲେ, ସମସ୍ୟା ବୁଝିଲେ

### ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ଯୁଗ୍ମ ନିର୍ଦ୍ଦେଶିକାଙ୍କ ଗସ୍ତ

କେନ୍ଦୁଝର,୨୨।୭(ଦୀପକ ମିଶ୍ର)

ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ଯୁଗ୍ମ ନିର୍ଦ୍ଦେଶିକା ପ୍ରଣତି ପାତ୍ର ୨ ଦିନିଆ କେନ୍ଦୁଝର ଜିଲା ଗସ୍ତରେ ଆସି ବିଭିନ୍ନ ବିଦ୍ୟାଳୟର ଛାତ୍ରାବାସ ପରିଦର୍ଶନ କରିଛନ୍ତି। ପରିଦର୍ଶନ ସମୟରେ ବିଦ୍ୟାଳୟର ଛାତ୍ରବାସରେ ଥିବା ସମସ୍ୟା ସମ୍ପର୍କରେ ପଚାରି ବୁଝିବା ସହ ଏହାର ସମାଧାନ କରାଯିବ ବୋଲି କହିଥିଲେ। ନିର୍ଦ୍ଦେଶିକା କେନ୍ଦୁଝର ଜିଲାର ରାଙ୍କି ଏକଲବ୍ୟ ଆବାସିକ ବିଦ୍ୟାଳୟ, କୃଷ୍ଣପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଗିଧିବାସ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ଜଗମୋହନପୁର ଆଶ୍ରମ ବିଦ୍ୟାଳୟ, ଶୁଆକାଟୀ ଆଶ୍ରମ ବିଦ୍ୟାଳୟ, ଉପରକୁସୁମିତା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଛାତ୍ରୀଛାତ୍ରମାନଙ୍କର ପାଠପଢ଼ା,


ଛାତ୍ରୀଛାତ୍ରଙ୍କ ସହ ଯୁଗ୍ମ ନିର୍ଦ୍ଦେଶିକା ପ୍ରଣତି ପାତ୍ର ଆଲୋଚନା କରୁଛନ୍ତି।

ଛାତ୍ରାବାସ, ଖାଦ୍ୟପେୟ ଯାଞ୍ଚ କରିଥିଲେ। ପରେ ବିଭାଗ ଅଧୀନସ୍ଥ ସମସ୍ତ ଆଶ୍ରମ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ପ୍ରଧାନଶିକ୍ଷୟିତ୍ରଙ୍କର ଏକ ସମୀକ୍ଷା ବୈଠକ ଜିଲା ମଙ୍ଗଳ ଅଧିକାରୀ ପ୍ରବୀର କୁମାର ଦେଓ, କେନ୍ଦୁଝର ଶିକ୍ଷା ମଣ୍ଡଳାଧିଶ ସଞ୍ଚିତା ବେହେରା, କେନ୍ଦୁଝର ଜିଲା ଶିକ୍ଷା ନିରୀକ୍ଷକ ସଞ୍ଜୟ କୁମାର ଧଳ, ସମସ୍ତ ସହକାରୀ ମଙ୍ଗଳ ଅଧିକାରୀ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀଙ୍କ ଉପସ୍ଥିତିରେ ରାଙ୍କି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟଠାରେ ଆୟୋଜନ କରାଯାଇଥିଲା। ଶିକ୍ଷାର୍ଥୀମାନଙ୍କୁ ଯୋଗାଯୋଗ କରି ଛାତ୍ରାବାସକୁ ଆଣିବା, ବିଭାଗ ଅଧୀନସ୍ଥ ସମସ୍ତ ଛାତ୍ରାବାସ ତଥା ବିଦ୍ୟାଳୟ ଗଣଶିକ୍ଷା ବିଭାଗ ଅଧୀନସ୍ଥ ସମସ୍ତ ଛାତ୍ରାବାସ ଗୁଡ଼ିକୁ ନିୟମିତ ପରିଦର୍ଶନ କରି ତଥ୍ୟ ବିଭାଗକୁ ନିୟମିତ ପ୍ରଦାନ କରିବାକୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ବିଭିନ୍ନ ଦାବିକୁ ଯୁଗ୍ମ ନିର୍ଦ୍ଦେଶିକା ସଚିବଙ୍କ ସହ ଆଲୋଚନା କରି ପଦକ୍ଷେପ ନେବାକୁ କହିଥିଲେ।

## କାର୍ ଦୁର୍ଘଟଣାଗ୍ରସ୍ତ, ଚାଳକଙ୍କ ପତ୍ତା ମିଳୁନି

ଉଦଳା,୨୨।୭ (ସନ୍ତୋଷ କୁମାର ବାଛିନୀ)

ମୟୂରଭଞ୍ଜ ଜିଲା ଉଦଳା ଥାନା ଅଧୀନ ଖଳାଡ଼ି ପଞ୍ଚାୟତ ଛୋଟରାୟପୁର ଗ୍ରାମ ନିକଟରେ ଏକ କାର୍ ଦୁର୍ଘଟଣାଗ୍ରସ୍ତ ହୋଇଥିବା ସ୍ଥାନୀୟ ଲୋକେ ଶନିବାର ସକାଳେ ଦେଖିବାକୁ ପାଇଥିଲେ। ସ୍ଥାନୀୟ ଶାଳ ଜଙ୍ଗଲ ନିକଟରେ କାର୍‌ଟି ଗଛରେ ପିଟିହୋଇ ଚୁର୍‌ମାର ହୋଇଯାଇଛି। ଗାଡ଼ିର ସାମ୍ନା ଅଂଶ ମାଡ଼ ହୋଇ ଭାଙ୍ଗି ଯାଇଥିବାରୁ ଶୁକ୍ରବାର ବିଳମ୍ବିତ ରାତିରେ ଗଛରେ ବାଡ଼େଇ ହୋଇଥିବା ଅନୁମାନ କରାଯାଉଛି। ତେବେ କାର୍ ଚାଳକ କୁଆଡ଼େ ଗଲେ, ତାଙ୍କ ଅବସ୍ଥା କ'ଣ ତାହା ଅସ୍ପଷ୍ଟ ରହିଛି। ଉଦଳା ପୋଲିସ ପହଞ୍ଚି ଗାଡ଼ିକୁ ଜବତ କରି ତଦନ୍ତ ଚଳାଇଛି। ଦୁର୍ଘଟଣାଗ୍ରସ୍ତ କାର୍‌ଟି ସାବିତ୍ରୀ କିସ୍କୁଙ୍କ ନାମରେ ରହିଥିବା ବେଳେ ଏହା ଟାଟା କମ୍ପାନୀର ଟିଗର ଗାଡ଼ି ବୋଲି ଜଣାଯାଇଛି। ଗାଡ଼ି ଭିତରେ କେତେଜଣ ଥିଲେ ଏବଂ ଦୁର୍ଘଟଣା କିପରି ଘଟିଲା ତାହା ସ୍ପଷ୍ଟ ହୋଇ ନାହିଁ।

## ପାନୀୟଜଳ ସମସ୍ୟା ଦେଖି ବିଧାୟକ ଅସନ୍ତୁଷ୍ଟ

### ସମାଧାନ ଲାଗି ଅଧିକାରୀଙ୍କୁ ନିର୍ଦ୍ଦେଶ

ଧାମନଗର, ୨୨।୭ (ସନ୍ତୋଷ କୁମାର ମହାପାତ୍ର)

ଭଦ୍ରକ ଜିଲା ଧାମନଗର ବ୍ଲକରେ ବସୁଧା ଯୋଜନାରେ ଟାଙ୍କି ନିର୍ମାଣ କରାଯାଇଥିବା ବେଳେ କେଉଁଠି ପାଣି ପାଇପ୍ ସଂଯୋଗ ହେଇନାହିଁ ତ ଆଉ କେଉଁଠି ପାଇପ୍‌ରୁ ପାଣି ବାହାରୁ ନାହିଁ। କେତେକ ସ୍ଥାନରେ ପ୍ରକଳ୍ପ ଅଧାପନ୍ତରିଆ ଅବସ୍ଥାରେ ପଡ଼ି ରହିଛି। ସାହାସପୁର ପଞ୍ଚାୟତରେ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ଖବରପାଇ ସ୍ଥାନୀୟ ବିଧାୟକ ସୂର୍ଯ୍ୟବଂଶୀ ସୂରଜ


ବିଧାୟକ ସୂର୍ଯ୍ୟବଂଶୀ ସୂରଜ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

ଶୁକ୍ରବାର ସାହାସପୁର ଗ୍ରାମରେ ପହଞ୍ଚି ପାନୀୟଜଳ ସମସ୍ୟାର ଦୁର୍ଦ୍ଦଶା ଦେଖି ଅସନ୍ତୋଷ ପ୍ରକାଶ କରିଥିଲେ। ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିବା ପରେ ସେ ବିଭାଗୀୟ ଏସ୍‌ଡିଓ ମୁକୁଳ ଚନ୍ଦ୍ର ଦାସ, କନିଷ୍ଠ ଯନ୍ତ୍ରୀ ଯସ୍ମିନ ଦାସ ଓ ଶିବ ବୁଦୁଲାଙ୍କୁ ଡାକି ସମସ୍ୟାର ତୁରନ୍ତ ସମାଧାନ ପାଇଁ ପଦକ୍ଷେପ ନେବାକୁ କହିଥିଲେ। ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ଶିବ ବୁଦୁଲା କହିଛନ୍ତି, ଉକ୍ତ ପଞ୍ଚାୟତଟି ବସୁଧା ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ନ ଥିବାରୁ ଏପରି ସମସ୍ୟା ଦେଖାଯାଇଛି। ତୁରନ୍ତ ମେଗା ଜଳ ପ୍ରକଳ୍ପ ଅଧିକାରୀଙ୍କ ସହ ଆଲୋଚନା କରାଯାଇ ସଂଯୋଗୀକରଣ କରାଯିବ।

## ଗଛ ଲଗାଇଲେ, ଛାତ୍ରୀଛାତ୍ରଙ୍କୁ ଖାତା କଲମ ବାଣ୍ଟିଲେ



ରୋଟାରି କ୍ଲବ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ଖାତାକଲମ ବଣ୍ଟନ କରାଯାଉଛି।

ବାସୁଦେବପୁର, ୨୨।୭ (ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକାର ମହିଷାପଦା ମଧ୍ୟଇଂରାଜୀ ବିଦ୍ୟାଳୟ ପରିସରରେ ରୋଟାରି କ୍ଲବ ପକ୍ଷରୁ ଚାରାରୋପଣ ସହ ଛାତ୍ରୀଛାତ୍ରଙ୍କୁ ଖାତା କଲମ ବଣ୍ଟନ କରାଯାଇଛି। କ୍ଲବ ସଭାପତି ସ୍ମୃତିରଞ୍ଜନ ପଳିତା, ସମ୍ପାଦକ କିଶୋର ମହାପାତ୍ର, ରୋଟାରିଆନ ମାଧବଚନ୍ଦ୍ର ପୁହାଣ, ଭାଗୀରଥି ବଳ, ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତି ପୁହାଣ, ଶିକ୍ଷକ ବିଶ୍ୱଜିତ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

## ଶିଶୁକନ୍ୟାଙ୍କୁ ବଳାତ୍କାର ଉଦ୍ୟମ, ଯୁବକ ଅଟକ

ଠାକୁରମୁଣ୍ଡା, ୨୨।୭ (ତାରାକାନ୍ତ ପଟ୍ଟନାୟକ)

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଥାନା ଅଧୀନ ଖଣ୍ଡବନ୍ଧ ଅଞ୍ଚଳରେ ଶୁକ୍ରବାର ଜଣେ ୩ ବର୍ଷୀୟ ଶିଶୁକନ୍ୟାଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗରେ ଜଣେ ଯୁବକଙ୍କୁ ପୋଲିସ ଥାନାରେ ଅଟକ ରଖିଛି। ସୂଚନା ଅନୁଯାୟୀ, ଶିଶୁକନ୍ୟା ତାଙ୍କ ଜେଜେବାପାଙ୍କ ସହ ବିଲକୁ ଯାଇଥିବା ବେଳେ କେନ୍ଦୁଝର ଜିଲା ଗୟଳମୁଣ୍ଡା ଅଞ୍ଚଳରୁ ଆସି ଉକ୍ତ ଗ୍ରାମରେ ରହିଥିବା ଗୋରୁଚରାଳି ଯୁବକ ତାଙ୍କୁ ଜଙ୍ଗଲ ବୁଦାମୂଳକୁ ଡାକି ନେଇ ବଳାତ୍କାର ଉଦ୍ୟମ କରିଥିଲେ। ଶିଶୁକନ୍ୟା କାନ୍ଦିବାରୁ ପରିବାର ଲୋକେ ଆସି ଉଦ୍ଧାର କରିଥିଲେ। ଶନିବାର ଶିଶୁକନ୍ୟାଙ୍କ ବାପା ଏନେଇ ଥାନାରେ ଅଭିଯୋଗ କରିବା ପରେ ମାମଲା (ନଂ. ୭୩/୨୩) ରୁଜୁ ହୋଇଛି।

# ଲୋକାୟୁକ୍ତଙ୍କ ନିର୍ଦ୍ଦେଶ ଉପରେ ସ୍ଥଗିତାଦେଶ

### ହାଟଡ଼ିହୀ ବ୍ଲକ୍‌ରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅନିୟମିତତା ମାମଲା

ହାଟଡ଼ିହୀ,୨୨।୭(ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ରେ ୨୦୧୫-୧୬ରୁ ୨୦୨୦-୨୧ ଆର୍ଥିକ ବର୍ଷ ମଧ୍ୟରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ (ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା)ରେ ହୋଇଥିବା ଆର୍ଥିକ ଅନିୟମିତତା ମାମଲାରେ ଓଡ଼ିଶା ଲୋକାୟୁକ୍ତଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ଉପରେ ହାଇକୋର୍ଟ ସାମୟିକ ସ୍ଥଗିତ ଜାରି କରିଛନ୍ତି। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଆବେଦନକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ ବିଚାରପତି ବିଶ୍ୱନାଥ ରଥ ଡବ୍ଲ୍ୟୁପି (ସି) ନଂ. ୨୨୩୩୩/୨୦୨୩ ମାମଲାର ଶୁଣାଣି କରି ଏହି ଆଦେଶ ଦେଇଛନ୍ତି। ଏଥିସହ ପରବର୍ତ୍ତୀ ଶୁଣାଣିକୁ ଅଗଷ୍ଟ ୪ତାରିଖକୁ ଧାର୍ଯ୍ୟ କରିଛନ୍ତି।

ସୂଚନାଯୋଗ୍ୟ, ହାଟଡ଼ିହୀ ବ୍ଲକ୍‌ରେ ଏମଜିଏନ୍‌ଆର୍‌ଇଜିଏସ୍‌ରେ ସରକାରୀ ଅର୍ଥ ଅନିୟମିତତା ନେଇ ଓଡ଼ିଶା ଲୋକାୟୁକ୍ତଙ୍କ ନିକଟରେ ଏକ ମାମଲା (କେସ୍ ନଂ. ଏଲ୍‌ୱାଇ ୬୦୩/୨୦୨୦) ଦାଏର ହୋଇଥିଲା। ଏହାର ଶୁଣାଣି ଚାଲୁଥିବାବେଳେ ଲୋକାୟୁକ୍ତ ୨୦୧୫-୨୦୧୬ ଆର୍ଥିକ ବର୍ଷରୁ ୨୦୨୦-୨୦୨୧ ବର୍ଷ ପର୍ଯ୍ୟନ୍ତ ଅଡିଟ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଓଡ଼ିଶା ପଞ୍ଚାୟତି ରାଜ ଏବଂ ପାନୀୟ ଜଳ ବିଭାଗ ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଚିଠି (ନଂ ୧୯୬୯୯/୧୫.୧୧.୨୦୨୧)ରେ ଅଡିଟ ରିପୋର୍ଟ(ସ୍ପେଶାଲ ଅଡିଟ ରିପୋର୍ଟ ନଂ ୩/୨୦୨୧-୨୦୨୨) ଲୋକାୟୁକ୍ତଙ୍କ ନିକଟରେ ପ୍ରଦାନ କରାଯାଇଥିଲା। ଏଥିସହ ସମ୍ପୃକ୍ତ ସରକାରୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଡିଟ୍ ରିପୋର୍ଟ ଆଧାରରେ ୧୦୦ରୁ ଊର୍ଦ୍ଧ୍ୱ ସରକାରୀ କର୍ମଚାରୀ ଏବଂ ଲୋକପ୍ରତିନିଧିଙ୍କୁ ଲୋକାୟୁକ୍ତ ନୋଟିସ୍ ଜାରି କରି ଜବାବ ତଲବ କରିଥିଲେ। ସରକାରୀ କର୍ମଚାରୀ ଏବଂ ଲୋକପ୍ରତିନିଧିମାନେ ନିଜ ଓକିଲଙ୍କ ଜରିଆରେ ଏବଂ ବ୍ୟକ୍ତିଗତ ଭାବେ ଧାର୍ଯ୍ୟ ତାରିଖରେ ନିଜ ପକ୍ଷ ରଖିଥିଲେ। ଲୋକାୟୁକ୍ତରେ ମାମଲା ଶୁଣାଣି ଚାଲୁଥିବା ବେଳେ ପୂର୍ବରୁ ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ ଅନୁସାରେ କ'ଣ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ସେ ସମ୍ପର୍କିତ ରିପୋର୍ଟ ଜିଲାପାଳଙ୍କୁ ଲୋକାୟୁକ୍ତ ମାଗିଥିଲେ। ହେଲେ ଜିଲାପାଳଙ୍କଠାରୁ କୌଣସି ରିପୋର୍ଟ ମିଳି ନ ଥିଲା। ଫଳରେ ଲୋକାୟୁକ୍ତ ଗତ ଜୁନ୍ ମାସରେ ଜିଲାପାଳଙ୍କୁ ରିପୋର୍ଟ ଦେବା ପାଇଁ ଆଉ ଏକ ମାସ ସମୟ ଦେବା ସହ ମାମଲା ଶୁଣାଣି ପାଇଁ ୪ ଅଗଷ୍ଟ ୨୦୨୩କୁ ଦିନ ଧାର୍ଯ୍ୟ କରିଛନ୍ତି। ରିପୋର୍ଟ ନ ମିଳିଲେ ଜିଲାପାଳଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଲୋକାୟୁକ୍ତ ନିର୍ଦ୍ଦେଶ ଜାରି କରିଥିଲେ।

ଅପରପକ୍ଷରେ ଲୋକାୟୁକ୍ତଙ୍କ ଏଭଳି ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଯନ୍ତ୍ରୀ ସଞ୍ଜୁକ୍ତା ବେଉରିଆ, ପ୍ରଫୁଲ୍ଲ ଚନ୍ଦ୍ର ବେହେରା, ରବୀନ୍ଦ୍ର ନାଥ ସୋରେନ, ଜ୍ୟୋତିରଞ୍ଜନ ସାମନ୍ତରାୟ, ପୂର୍ବତନ ଯନ୍ତ୍ରୀ ସୁପ୍ରଭା ପ୍ରଧାନ, ଶ୍ରଦ୍ଧାଞ୍ଜଳି ସାହୁ, ଲାଖାଇ ମୁର୍ମୁ, ରତିକାନ୍ତ ଲେଙ୍କା, ଜିଆର୍‌ଏସ୍ ପ୍ରଫୁଲ୍ଲ ମାଝୀ, ପ୍ରମିଳା ଗିରି, ପିଇଓ ଅମୂଲ୍ୟ ପହି, ମଧୁସ୍ମିତା ମହାନ୍ତି, ଡମ୍ବରୁଧର ପଟ୍ଟନାୟକ, ସରପଞ୍ଚ ଜୟନ୍ତୀ ସାମଲ ପ୍ରମୁଖ ହାଇକୋର୍ଟଙ୍କ ନିକଟରେ ମାମଲା ଦାଏର କରିଥିଲେ। ଏଥିରେ ଓଡ଼ିଶା ଲୋକାୟୁକ୍ତ, ଓଡ଼ିଶା ପଞ୍ଚାୟତି ରାଜ ଏବଂ ପାନୀୟ ଜଳ ବିଭାଗ, କେନ୍ଦୁଝର ଜିଲାପାଳ ଏବଂ ପ୍ରକଳ୍ପ ନିର୍ଦ୍ଦେଶକ, ଆନନ୍ଦପୁର ଉପଜିଲାପାଳ, ହାଟଡିହି ବିଡିଓଙ୍କୁ ପକ୍ଷଭୁକ୍ତ କରାଯାଇଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

balasoreselfie@gmail.com


@ବିବେକ


@ଜିଲୁ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

## ଘରେ ପଶିଲା ବର୍ଷାପାଣି, ୫ ପରିବାର ଜଳବନ୍ଦୀ



ଉଦଳା, ୨୨।୭ (ସନ୍ତୋଷ କୁମାର ବାଛିନୀ)

ମୟୂରଭଞ୍ଜ ଜିଲା ଉଦଳାରେ ଶୁକ୍ରବାର ରାତିରେ ପ୍ରବଳ ବର୍ଷା ହୋଇଛି। ଶୁକ୍ରବାରଠାରୁ ବର୍ଷା ଲାଗି ରହିଥିବା ବେଳେ ଉଦଳା ଏନ୍‌ଏସିରେ ଲୋକଙ୍କ ଘର ଭିତରେ ପାଣି ପଶିଛି। ୭ ନଂ. ୱାର୍ଡର ବାସିନ୍ଦାଙ୍କ ଅବସ୍ଥା ବେହାଲ ହୋଇଛି। ଏହି ୱାର୍ଡରେ ବର୍ଷାପାଣି ଲହଡ଼ି ମାରୁଛି। ଲଗାଣ ବର୍ଷା କାରଣରୁ ରାସ୍ତାରେ ଆଣ୍ଠୁଏ ଉଚ୍ଚରେ ପାଣି ଜମି ରହିଛି। ୱାର୍ଡର ୫ ପରିବାର ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି। ୱାର୍ଡର ଗୀତାମଣି ଜେନାଙ୍କ ଘରେ ବର୍ଷାପାଣି ପଶିବା ସହ ସମ୍ମୁଖରେ ଜମି ରହିଛି। ସେହିପରି ୱାର୍ଡର ଲକ୍ଷ୍ମୀଧର ପୋଥାଳ, ପୁଷ୍ପଲତା ଜେନା, ରତ୍ନାକର ସାହୁ ଓ ଯତିନ୍ଦ୍ର ନାୟକଙ୍କ ଘର ସମ୍ମୁଖରେ ପାଣି ଜମି ରହିଥିବା ବେଳେ ଏହି ପରିବାର ଏବେ ଜଳବନ୍ଦୀ। ପରିବାର ସଦସ୍ୟ ନା ବାହାରକୁ ବାହାରି ପାରୁଛନ୍ତି ନା କୁଆଡ଼େ ଯା'ଆସ କରିପାରୁଛନ୍ତି। ବର୍ଷାପାଣି ଦୁଆର ମୁହଁରେ ଜମି ରହିବା ସହ ଲଗାଣ ବର୍ଷା ଜାରି ରହିଥିବାରୁ ପାଣି ଧୀରେ ଧୀରେ ବଢ଼ିବାରେ ଲାଗିଛି। ସାମାନ୍ୟ ଲଘୁଚାପ ବର୍ଷାରେ ଏହି ୱାର୍ଡର ଅବସ୍ଥା ସଙ୍ଗିନ ହୋଇଛି। ପୂର୍ବରୁ ସ୍ଥାନୀୟ କାଉନସିଲର ଏବଂ ଏନ୍‌ଏସି ଚେୟାରମ୍ୟାନ ପହଞ୍ଚି ସମାଧାନର ପ୍ରତିଶ୍ରୁତି ଦେଇଥିବା ବେଳେ ଆଜି ପର୍ଯ୍ୟନ୍ତ ସମାଧାନ ହୋଇନାହିଁ। ଫଳରେ ବର୍ଷାଦିନେ ସେମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ଜଳବନ୍ଦୀ ପରିବାର ଲୋକେ କହିଛନ୍ତି। ଏପରିକି ଶୁକ୍ରବାର ରାତିଠାରୁ ଅନେକଙ୍କ ଘର ଭିତରେ ପାଣି ଲହଡ଼ି ମାରୁଥିବାରୁ କେହି ଶୋଇ ନ ଥିବାବେଳେ ରୋଷେଇ ବନ୍ଦ ରହିଥିବା ପ୍ରକାଶ କରିଛନ୍ତି।

## ବିପଦପୂର୍ଣ୍ଣ ଭାବେ ବିଦ୍ୟାଳୟ ଯାଉଛନ୍ତି ଛାତ୍ରୀଛାତ୍ର


ଜଣେ ଛାତ୍ରଙ୍କୁ ଅଭିଭାବକ କାନ୍ଧରେ ନାଳ ପାର କରୁଛନ୍ତି।

### ଧୋଇଗଲା ଘାଗରା ନାଳ ଅସ୍ଥାୟୀ ପୋଲ

କଣ୍ଟିପାଳ/ଆନନ୍ଦପୁର,୨୨।୭ (ସୁଶାନ୍ତ କୁମାର ସାହୁ/ ସନ୍ତୋଷ ରାଉତ)

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ଶାଳବଣି ପଞ୍ଚାୟତର ବାଲିପଶିଠାରେ ଘାଗରାନାଳ ଉପରେ ନିର୍ମାଣ ହୋଇଥିବା ଅସ୍ଥାୟୀ ପୋଲ ନଦୀ ଜଳରେ ଭାସିଯାଇଛି। ଶୁକ୍ରବାର ରାତିରେ ଘାଗରା ନାଳରେ ଅଧିକ ଜଳ ପ୍ରବାହିତ ହେବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଫଳରେ ବାଲିପଶିର ଟିକରସାହି ଲୋକମାନଙ୍କ ଯାତାୟାତରେ ଘୋର ବ୍ୟାଘାତ ସୃଷ୍ଟି ହୋଇଛି। ଶନିବାର ବାଲିପଶି ପ୍ରାଥମିକ ବିଦ୍ୟାଳୟକୁ ଟିକରସାହିର ଛାତ୍ରୀଛାତ୍ର ବିପଦପୂର୍ଣ୍ଣ ଭାବେ ନାଳ ପାର ହୋଇଯାଇଥିଲେ। ପ୍ରକାଶ ଯେ, ପୂର୍ବରୁ ଘାଗରାନାଳ ଉପରେ ବାଉଁଶରେ ପୋଲ ନିର୍ମାଣ କରି ଟିକରସାହିର ୩୦ରୁ ୪୦ ପରିବାର ଯାତାୟାତ କରୁଥିଲେ। ଏପରିକି ଏହି ପୋଲ ମାଧ୍ୟମରେ ଶାଳବଣି ପଞ୍ଚାୟତ ଓ ବାଉଁଶଗଡ଼ ପଞ୍ଚାୟତ ମଧ୍ୟରେ ଯୋଗାଯୋଗର ମାଧ୍ୟମ ହୋଇଥିଲା। ଗତବର୍ଷ ସ୍ଥାନୀୟ ଲୋକଙ୍କ ଉଦ୍ୟମରେ ଘାଗରା ନାଳ ଉପରେ ହ୍ୟୁମ ପାଇପ୍ ପକାଯାଇ ଅସ୍ଥାୟୀ ପୋଲ ପ୍ରସ୍ତୁତ କରାଯାଇଥିଲା। ବର୍ଷା ଫଳରେ ନାଳରେ ଅଧିକ ପରିମାଣରେ ଜଳ ପ୍ରବାହିତ ହେବାରୁ ଅସ୍ଥାୟୀ ରାସ୍ତା ଧୋଇଯାଇଛି। ଘଟଣା ଦିଗରେ ପ୍ରଶାସନିକ ଅଧିକାରୀ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଟିକରସାହି ଲୋକମାନେ ଦାବି କରିଛନ୍ତି।

